## ଗାଡ଼ି ଧକ୍କାରେ ଯୁବକ ମୃତ

ଲହୁଣୀପଡ଼ା,(ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବାରସୁଆଁ ବସ୍ତିରେ ବୁଧବାର ବିଳମ୍ବିତ ରାତିରେ ଜଣେ ଯୁବକ ଚାଲି ଚାଲି ଘରକୁ ଯାଉଥିବା ବେଳେ ଅଜଣା ଗାଡି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବାରସୁଆଁ ବସ୍ତିର ମାଛୁ ମୁଣ୍ଡା (୨୫)। ଖବର ପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଛି।

# ଅତାବିରାରୁ ଧାନ ସଂଗ୍ରହ ଆରମ୍ଭ

**ବରଗଡ଼ ଅଫିସ୍/ଅତାବିରା,୨୫।୧୧**

ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ପକ୍ଷରୁ ଗୁରୁବାର ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଆରଏମସି ଅଧୀନ ଅତାବିରା ମଣ୍ଡିରେ ପୂଜାର୍ଚ୍ଚନା କରି ଧାନ କିଣାବିକା ଶୁଭାରମ୍ଭ କରାଯାଇଛି। ଏହି ସମୟରେ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଖବର ଲେଖାହେବା ସୁଦ୍ଧା (ସନ୍ଧ୍ୟା ୬ଟା) ଅତାବିରା ମାର୍କେଟ୍ ୟାର୍ଡ଼ରୁ ଝିଲିମିଣ୍ଡା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ଜଣେ ଚାଷୀଙ୍କ ୧୪୨ ପ୍ୟାକେଟ୍ ଧାନ କିଣିଥିବା ସୂଚନା ମିଳିଛି। ଧାନ କିଣାବିକା ପାଇଁ ଅତାବିରା ଆରଏମ୍‌ସିରେ ୧୯ଟି ମାର୍କେଟ୍ ୟାର୍ଡ଼ ଓ ୨୨ଟି କ୍ରୟକେନ୍ଦ୍ର ଖୋଲାଯାଇଛି।



ଅତାବିରା ଆରଏମସି ଅଧୀନ ଗୋଡ଼ଭଗା ମଣ୍ଡିକୁ ବିକ୍ରି ପାଇଁ ଆସିଥିବା ଧାନ।

ସେହିପରି ଅତାବିରାର ମାଁ ଦୁର୍ଗାଶକ୍ତି, ପାହାଡ଼ଶ୍ରୀଗିଡ଼ାର ମାଁ ବିରଜା, ଅର୍ଜୁଣ୍ଡାର ମାଁ ସନ୍ତୋଷୀ ଏବଂ କୁବେଡ଼େଗାର ମାଁ ମାହେଶ୍ୱରୀ ଏସ୍‌ଏଚ୍‌ଜିକୁ ଏଥର ଧାନ କିଣାବିକା ପ୍ରକ୍ରିୟାରେ ସାମିଲ କରାଯାଇଥିବା ଆରଏମ୍‌ସି ସମ୍ପାଦକ ପ୍ରଦୀପ ବେସନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏଥର ବିଳମ୍ବରେ ମଣ୍ଡି ଖୋଲିଥିବାରୁ ଆରମ୍ଭରୁ ଚାଷୀ ଅସନ୍ତୋଷ ଦେଖାଦେଇଛି। ମଣ୍ଡି ଖୋଲିବା ପୂର୍ବରୁ ଅତାବିରା ଓ ଗୋଡ଼ଭଗା ମାର୍କେଟ୍ ୟାର୍ଡ଼ରେ ଧାନ ପୂରାଇ ଚାଷୀମାନେ ପ୍ରତିବାଦ କରିଥିଲେ। ଅନ୍ୟପଟେ ଗୁରୁବାରଠାରୁ ମଣ୍ଡି ଖୋଲିଥିଲେ ମଧ୍ୟ ଆରମ୍ଭରୁ ବିଭ୍ରାଟ ପରିଲକ୍ଷିତ ହୋଇଛି। ଯେଉଁ ଚାଷୀମାନେ ଟୋକନ ପାଇଛନ୍ତି ସେମାନଙ୍କ ମଧ୍ୟରେ ଅଧିକାଂଶଙ୍କ ଚାଷୀଙ୍କ ଧାନ ମଣ୍ଡିକୁ ଆସି ନଥିବାବେଳେ ଟୋକନ ପାଇ ନ ଥିବା ଚାଷୀଙ୍କ ଧାନ ବିଭିନ୍ନ ମଣ୍ଡିକୁ ଆସିଥିବା ସୂଚନା ମିଳିଛି। ଆରମ୍ଭରୁ ଏଭଳି ଅବ୍ୟବସ୍ଥା ଯୋଗୁ ଏଥର ମଧ୍ୟ ଧାନ ସଂଗ୍ରହ ପ୍ରକ୍ରିୟା ଜଟିଳ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆସନ୍ତା ୨୮ତାରିଖରେ ବରଗଡ଼ ଏବଂ ଡିସେମ୍ବର ୧ତାରିଖରୁ ଜିଲାର ଅନ୍ୟ ବ୍ଲକ ଗୁଡ଼ିକରେ ମଣ୍ଡି ଖୋଲିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି।

## ସଂକ୍ଷେପରେ

### ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ନୂଆପଡ଼ା ଅଫିସ,୨୫।୧୧:** ନୂଆପଡା ଜିଲା ଧରମବନ୍ଧା ଥାନାଠାରୁ ପଣ୍ଡରିପାଣି ଯିବା ରାସ୍ତା କଡ ଏକ ପଳସା ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଛି। ମୃତ ଯୁବକ ଧରମବନ୍ଧା ଗାଁର କାର୍ତ୍ତିକ ପଠେଲ (୪୨)। ପୋଲିସ କହିବାନୁଯାୟୀ ବୁଧବାର ରାତିରେ କାର୍ତ୍ତିକ କୌଣସି କାରଣରୁ ଘରୁ କୁଆଡେ ଚାଲି ଯାଇଥିଲେ। ଗୁରୁବାର ସକାଳେ ଧରମବନ୍ଧାରୁ ପଣ୍ଡରିନପାଣି ଯିବା ରାସ୍ତାକଡ ପଳସା ଗଛରେ ପ୍ଲାଷ୍ଟିକ ବେକରେ ରଶି ଲଗାଇ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଧରମବନ୍ଧା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଚାଲିଛି ବୋଲି ଆଇଆଇସି ସଞ୍ଜୁକ୍ତା ବାର୍ଲା ସୂଚନା ଦେଇଛନ୍ତି।

### ବିଡିଓଙ୍କୁ ଦାବିପତ୍ର ପ୍ରଦାନ

**କୁତ୍ରା,୨୫।୧୧( ଡି.ଏନ.ଏ):** ବିଭିନ୍ନ ଦାବି ପୂରଣ ପାଇଁ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ କୁତ୍ରା ଶାଖା ତରଫରୁ ଗୁରୁବାର ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ବିଡିଓ ରବିନ୍ଦ୍ର କୁମାର ସେଠୀଙ୍କୁ ସମ୍ପାଦିକା ବିମଳା ଲାକଡ଼ା, ସୁନିତା ମିଞ୍ଜ, ଅନିତା ମିଞ୍ଜ, ପୁଷ୍ପା ହରୋ, ଲିଲିସୁଷମା ଲୁଗୁନ, ଜାମିନା ଖାଲଖୋ, ସୁରେଶ ତରଉଆର ପ୍ରମୁଖ ଉପସ୍ଥିତ ଥିଲେ।

### ଆଜିଠୁ କବାଡି ଚାମ୍ପିୟନଶିପ୍

**ସୁନ୍ଦରଗଡ,୨୫।୧୧(ଡି.ଏନ୍.ଏ):** ସୁନ୍ଦରଗଡରେ ଶୁକ୍ରବାରଠାରୁ ରାଜ୍ୟସ୍ତରୀୟ ସିନିୟର ମହିଳା ପୁରୁଷ କବାଡି ଚାମ୍ପିୟନଶିପ୍-୨୦୨୧ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଚାମ୍ପିୟନଶିପ୍‌ରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ବରଗଡ, ବଲାଙ୍ଗୀର, ଭୁବନେଶ୍ୱର ସମେତ ୨୮ଟି ଦଳ ଭାଗ ନେଉଛନ୍ତି। ସେହିପରି ମହିଳା ବିଭାଗରେ ୨୫ଟି ଦଳ ଭାଗ ନେଉଛନ୍ତି। ଜିଲା କ୍ରୀଡା ସଂସଦ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି ଚାମ୍ପିୟନଶିପ୍ ଆୟୋଜିତ ହେଉଛି।

### ପାଠାଗାର ଗୃହ ଅଧାପନ୍ତରିଆ

**ଲାଠୋର,୨୫।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଚାଉଲଡିଆ ଗ୍ରାମରେ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି ଗ୍ରାମ୍ୟ ପାଠାଗାର ଗୃହ। ଗ୍ରାମବାସୀ କାମ ସମ୍ପୂର୍ଣ୍ଣ କରିବା ପାଇଁ ଦାବି କରି ଆସୁଥିଲେ ମଧ ଏଥିପ୍ରତି କର୍ଣ୍ଣପାତ କରାଯାଉ ନାହିଁ। ୨୦୨୦-୨୧ ଆର୍ଥିକ ବର୍ଷରେ ଏସଏଫସି ଅନୁଦାନରୁ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚାଉଲଡିଆରେ ଏକ ପାଠାଗାର ଗୃହ ନିର୍ମାଣ ଆରମ୍ଭ କରାଯାଇଥିଲା। ଛାତ ପଡିବା ପରେ ଆବଣ୍ଟିତ ଅର୍ଥ ସରି ଯିବାରୁ କାମ ଆଗେଇ ପାରୁନାହିଁ। ପଞ୍ଚାୟତ ଫଣ୍ଡରୁ ୨ ଲକ୍ଷ ଟଙ୍କାର ଫାଇଲ ଖୋଲି କାମ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ପରେ ସରପଞ୍ଚ ଗ୍ରାମବାସୀଙ୍କ ସହ ବିଡିଓଙ୍କୁ ସାକ୍ଷାତ କରି ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ହେଲେ ଚଳିତ ବଜେଟରେ ଫାଇଲ ଖୋଲି କାମ କରାଯାଇ ପାରିବ ନାହିଁ ବୋଲି ବିଡିଓ କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅର୍ଦ୍ଧ ନିର୍ମିତ ପାଠାଗାର ଗୃହକୁ ସମ୍ପୂର୍ଣ୍ଣ କରିବାକୁ ଦାବି ହେଉଛି।

### ଭରୁଆପାଲିରେ ବିର୍ସା ମୁଣ୍ଡା ଜୟନ୍ତୀ

**ବେଲପଡା,୨୫।୧୧(ଡି.ଏନ.ଏ.):** ଜିଲା ଆଦିବାସୀ କଲ୍ୟାଣ ସଂଘ ବେଲପଡା ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ ତରଫରୁ ଗୁରୁବାର ବିର୍ସାମୁଣ୍ଡା ଜୟନ୍ତୀ ତଥା ଆଦିବାସୀ ଗୌରବ ଦିବସ ଛତ୍ରିଆପଡାଠାରେ ଅନୁଷ୍ଠିତ ହୋଇଯାଇଛି। ପୁରନ୍ଦର ଛତ୍ରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବେଲପଡା ବ୍ଲକ ସଭାପତି ବସନ୍ତ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ବିର୍ସାମୁଣ୍ଡା ବ୍ରିଟିଶ ଶାସକଙ୍କ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରି ୨୫ବର୍ଷ ବୟସରେ ଦେଶ ପାଇଁ ଶହୀଦ ହୋଇଗଲେ ବୋଲି କହିଥିଲେ। ଯୁବକମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଆଦିବାସୀ ଏକତା, ନକଲି ଆଦିବାସୀ ଚିହ୍ନଟ, ଆଦିବାସୀଙ୍କ ଜମି ହଡପ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ଆକୁଳ ବନଗୁଲା, କ୍ଷେତ୍ରି ଛତ୍ରିଆ, ନିରାକାର ଧରୁଆ, କ୍ଷମା ମାଝି, ଗଦାଧର ଭୋଇ, ମିନିକେତନ ଛତ୍ରିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ପରମ୍ପରା ସୁରକ୍ଷାରେ ସମର୍ପିତ ଷୋହଳ ସୁଆଙ୍ଗ ଦଣ୍ଡ କଳାକାର



ନିଜ ଘର ସମ୍ମୁଖରେ ନାଭି ବାଗ।

**ବଲାଙ୍ଗୀର ଅଫିସ,୨୫।୧୧**

ଏମିତି କିଛି ସମର୍ପିତ ବ୍ୟକ୍ତି ଥାଆନ୍ତି ଯେଉଁମାନଙ୍କ ତ୍ୟାଗ, ସମର୍ପଣ ଓ ନିରଳସ ସାଧନା ଗୋଟିଏ ଅଞ୍ଚଳ ତଥା ଜାତିର ସାଂସ୍କୃତିକ ପରିଚୟକୁ ଜୀବନ୍ତ କରିଥାଏ। ସେଭଳି ଜଣେ ବ୍ୟକ୍ତି ହେଉଛନ୍ତି ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଝାରବଲାଙ୍ଗୀର ଗ୍ରାମର ଷୋହଳ ସୁଆଙ୍ଗ ଦଣ୍ଡ କଳାକାର ନାଭି ବାଗ (୬୬)। ଉଗ୍ର ଆଧୁନିକତା ଭିତରେ ଲୀଳାଦଣ୍ଡ ମନୋରଞ୍ଜନ ଏବଂ ଜୀବନ ଜୀବିକାର ଆୟୁଧ ହେଉଥିଲେ ମଧ ଷୋହଳ ସୁଆଙ୍ଗ ଦଣ୍ଡ ପରମ୍ପରାକୁ ବଞ୍ଚାଇ ରଖିବାରେ ସେ ସାଧନାରତ।

ସପ୍ତମ ଶ୍ରେଣୀ ଯାଏ ପଢ଼ିଲା ପରେ ନାଭିଙ୍କ ପାଠପଢାରେ ଡୋରି ବନ୍ଧା ହେଲା। ପରିବାର ଲୋକେ ତାଙ୍କର ବିବାହ କରାଇ ଦେଲେ। ହେଲେ ବିବାହର ୭ ବର୍ଷ ଯାଏ ତାଙ୍କର ହେଲେନି କୌଣସି ସନ୍ତାନ ସନ୍ତତି। ଚିନ୍ତାରେ ପଡିଲେ ପରିବାର ଲୋକେ। ପଶ୍ଚିମ ଓଡିଶାର ଲୋକଜୀବନ ଓ ଧର୍ମଧାରାରେ ଷୋଳ ସୁଆଙ୍ଗ ଦଣ୍ଡର ଖୁବ୍ ମହତ୍ୱ। ପ୍ରତିବର୍ଷ ଚୈତ୍ର ମାସରେ ଅନୁଷ୍ଠିତ ହେଉଥିବା ଷୋହଳ ସୁଆଙ୍ଗ ଦଣ୍ଡଯାତ୍ରାରେ ସନ୍ତାନ ପ୍ରାପ୍ତି ଆଶାରେ ବ୍ରତଧାରୀ ହୁଅନ୍ତି ନାଭି। ଦଣ୍ଡ ବ୍ରତଧାରୀ ହେବା ପରେ ତାଙ୍କର ଏକ କନ୍ୟା ସନ୍ତାନ ଜାତ ହୁଏ। ପରେ ଜନ୍ମ ନିଅନ୍ତି ଦୁଇଟି ପୁତ୍ର। ସେହି ଦିନରୁ ନାଭି ଆଉ ପଛକୁ ଚାହିଁ ନାହାନ୍ତି। ଦୀର୍ଘ ୩୬ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ସେ ଷୋହଳ ସୁଆଙ୍ଗ ଦଣ୍ଡରେ ସମର୍ପିତ। ସେ ଏବେ ଦଣ୍ଡଗୁରୁ ଭାବେ ପରିଚିତ। ପ୍ରତିବର୍ଷ ପୁଇଁତଲା ବ୍ଲକ ଆଠଗାଁ ମହାଦେବପାଲିରେ ଚୈତ୍ର ମାସରେ ଅନୁଷ୍ଠିତ ଦଣ୍ଡନାଚର ସେ ନେତୃତ୍ୱ ନିଅନ୍ତି। ତାଙ୍କଠାରୁ ବହୁ କଳାକାର ଷୋହଳ ସୁଆଙ୍ଗ ଦଣ୍ଡ ଶିକ୍ଷା ଲାଭ କରିଛନ୍ତି। ଅଭାବ ଅନଟନ ଭିତରେ ବି ସେ ମଧ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି। ଉଗ୍ର ଆଧୁନିକତା ସ୍ରୋତରେ ପଶ୍ଚିମ ଓଡିଶାର ମହାନ ଦଣ୍ଡସଂସ୍କୃତି ବିଲୁପ୍ତ ହୋଇଯିବ ବୋଲି ଘାରି ହୁଅନ୍ତି। ନାଭି ବାଗ କଳାକାର ଭତ୍ତା ପାଉଛନ୍ତି। ହେଲେ ବାରମ୍ବାର ଆବେଦନ କରି ମଧ ଆବାସ ଯୋଜନାରେ ତାଙ୍କୁ ଏଯାଏ ଘର ମିଳି ନ ଥିବାରୁ ଦୁଃଖ ପ୍ରକାଶ କରନ୍ତି।

**ଉପସ୍ଥାପନା: ବୀରେନ୍ଦ୍ର କୁମାର ଝାଙ୍କର, ବଲାଙ୍ଗୀର**

# ଚୋରା ଏଲ୍‌ପିଜି ଗ୍ୟାସ୍ ଟ୍ୟାଙ୍କର ଜବତ, ୩ ଗିରଫ

**ରେଢାଖୋଲ,୨୫।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ଥାନା ବାମୁରରୁ ତେଲେଙ୍ଗାନାର ହାଇଦ୍ରାବାଦକୁ ଚୋରା ଚାଲାଣ ହେଉଥିବା ଏକ ଏଲ୍‌ପିଜି ଗ୍ୟାସ୍ ଟ୍ୟାଙ୍କରକୁ ଗୁରୁବାର ରେଢାଖୋଲ ପୋଲିସ ସ୍ଥାନୀୟ କଲେଜ ଛକରୁ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବରଗଡ଼ ଜିଲା ଭେଡେନ ଥାନା ଦେହୁରିପାଲିର ନିରଞ୍ଜନ ପାନୁଆ (୩୦), ଅନୁଗୋଳ ଜିଲା କିଶୋରନଗର ଥାନା ବାମୁର ନିକଟ ଭାଙ୍ଗମୁଣ୍ଡାରେ ରହୁଥିବା ରାଉରକେଲା ସେକ୍ଟର-୧ର ଦୁର୍ଗାଚରଣ ପଲେଇ (୪୩) ଓ ଉତ୍ତରପ୍ରଦେଶ ରାଜ୍ୟ ମାଓ ଜିଲାର ଶେଖ ମହତାବ (୨୦)। ଏ ନେଇ ରେଢାଖୋଲ ଥାନାରେ ଏକ ମାମଲା (ନଂ.୨୨୬/୨୧) ରୁଜୁ କରି ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ପ୍ରକାଶ ଯେ, ଦୁର୍ଗାଚରଣ ଓ ଶେଖ ମହତାବ ବାମୁର ନିକଟ ଭାଙ୍ଗମୁଣ୍ଡାରେ ରହି ୫୫ନଂ ଜାତୀୟ ରାଜପଥ ଦେଇ ଯାଉଥିବା ଏଲ୍‌ପିଜି ଟ୍ୟାଙ୍କର ଗୁଡିକରୁ ଇଲେକ୍ଟ୍ରିକ ମେଶିନ, ହୋମ ପାଇପ, ମିଟର ସହ ଅନ୍ୟାନ୍ୟ ଯନ୍ତ୍ରପାତି ବ୍ୟବହାର କରି ଟ୍ୟାଙ୍କର ଗ୍ୟାସ୍ ରଖୁଥିଲେ। ଟ୍ୟାଙ୍କର ଭର୍ତ୍ତି ହେବା ପରେ ଏହାକୁ ହାଇଦ୍ରାବାଦର ମିର ମୁଜାଫର ଅଲ୍ଲୀଙ୍କ ନିକଟକୁ ପଠାଉଥିଲେ। ଏହାକୁ ହାଇଦ୍ରାବାଦରେ ଅଲ୍ଲୀ ଚଢା ଦରରେ ବିକ୍ରି କରୁଥିଲେ। ରେଢାଖୋଲ ପୋଲିସ ଚୋରା ଚାଲଣ ହେଉଥିବା ଏଲ୍‌ପିଜି ଗ୍ୟାସ୍ ବୋଝେଇ ଟ୍ୟାଙ୍କର ନଂ ଟିଏସ୧୨ୟୁବି-୬୩୫୧ ସହ ୩ଟି ଇଲେକ୍ଟ୍ରିକ ପମ୍ପ, ଇଲେକ୍ଟ୍ରିକ କେବୁଲ ଫିଟ୍ ହୋଇଥିବା ହୋମ ପାଇପ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି।

# ନାତିର ଭବିଷ୍ୟତ ଚିନ୍ତାରେ ବୃଦ୍ଧ ଆଈଅଜା

**ବିନିକା, ୨୫।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଦଳିତ ସାହିର ଚପରାଶି ସୁନା ଓ ତାଙ୍କ ସ୍ତ୍ରୀ ଝାର ସୁନା। ଅଭାବ, ଅସୁବିଧା ମଧ୍ୟରେ କାଳାତିପାତ କରୁଥିବା ଏହି ଦମ୍ପତିଙ୍କ ଉପରେ ପଡିଛି ଏବେ ନାତିର ଲାଳନ ପାଳନର ବୋଝ। ଝିଅର ମୃତ୍ୟୁ ପରେ ଜ୍ୱାଇଁ ଘର ଛାଡି କୁଆଡେ ଚାଲିଗଲେ। ୧୦ବର୍ଷର ନାତି ଶିବା ଅସହାୟ ହୋଇଗଲେ। ଜୀବନ ଜିଇଁବା ତାଙ୍କ ପାଇଁ କାଠିକର ପାଠ ହୋଇଗଲା ଶେଷରେ ଶିବା ଅଜା ଘରକୁ ଚାଲି ଆସି ରହିଲେ। ଗତ ୫ବର୍ଷ ହେଲା ସେ ଆଈ, ଅଜାଙ୍କ ଭରସାରେ ରହୁଛନ୍ତି। କୁଲିମଜୁରି କରି ନିଜେ ଚଳିବା ସହ ବଡକଷ୍ଟରେ ନାତିର ଲାଳନପାଳନ କରୁଛନ୍ତି ସୁନା ଦମ୍ପତି। ଅପରପକ୍ଷରେ ଶିବା ସଦା ସର୍ବଦା ମା, ବାପାଙ୍କୁ ମନେ ପକାଇ ଝୁରି ହେଉଛନ୍ତି।

ଚପରାଶି ତାଙ୍କ ଝିଅ ଉପାସୀଙ୍କୁ ଉଲୁଣ୍ଡା ବ୍ଲକ ଦେଖନିପାଲିର ପବିତ୍ର ବାଗଙ୍କୁ ବିବାହ ଦେଇଥିଲେ। ପ୍ରଥମ ସନ୍ତାନଭାବେ ଜନ୍ମ ନେଇଥିଲେ ଶିବା। ଏହାପରେ ଉପାସୀ ହେଲେ ଗର୍ଭବତୀ। ୨୦୧୭ ମେ ୨୫ତାରିଖରେ ପ୍ରସବ ବେଦନା ହେବାରୁ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ହେଲେ ସେଠାରେ ଉପାସୀଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ତ୍ରୀଙ୍କ ମୃତ୍ୟୁ ପରେ ମାନସିକ ଭାରସାମ୍ୟ ହରାଇ ବସିଲେ ପବିତ୍ର। ଘର ଛାଡି ଏଣେତେଣେ ବୁଲିଲେ। ଶେଷରେ କୁଆଡେ ଗଲେ ଯେ ଆଉ ଖୋଜ ଖବର ମିଳିଲା ନାହିଁ। ଇତିମଧ୍ୟରେ ୫ବର୍ଷ ବିତିଯାଇଛି। ଅଜାଘରେ ରହୁଥିବା ଶିବା ଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପଢୁଛି। ଏତେ ସମସ୍ୟାରେ ଥିଲେ ବି ଶିବାଙ୍କୁ ଅଦ୍ୟାବଧି କୌଣସି ସରକାରୀ ସହାୟତା ମିଳିନାହିଁ। ଶିଶୁ ସୁରକ୍ଷା ସମ୍ପର୍କିତ କୌଣସି ଯୋଜନାରେ ସେ ସାମିଲ ହୋଇ ନାହାନ୍ତି। ଅଜାଙ୍କ ପାଖରେ ରହୁଥିବାରୁ ଖାଦ୍ୟ ସୁରକ୍ଷା ଯୋଜନାରେ ଯାହା ମାସିକ ୫କେଜି ଚାଉଳ ପାଉଛନ୍ତି। ଅପରପକ୍ଷରେ ଚପରାସୀଙ୍କ ଜମିବାଡି ବୋଲି କିଛି ନାହିଁ। ଶିବାର ପାଠପଢା ଓ ଭବିଷ୍ୟତ ଚିନ୍ତାରେ ବୃଦ୍ଧା ଆଈଅଜା ସନ୍ତୁଳି ହେଉଛନ୍ତି। ଏ ନେଇ ବିନିକା ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କୁ ପଚାରିବାରୁ ଶିଶୁ ସୁରକ୍ଷା ଯୋଜନାରେ ଯାହା ଦିଆଯାଇ ପାରିବ ସେଥିପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ଆଈ ଅଜାଙ୍କ ସହିତ ଶିବା।

# ଭାଗନେବେ ଝାରସୁଗୁଡ଼ାର ୧୯ ଖେଳାଳି

**ଝାରସୁଗୁଡ଼ା ଅଫିସ,୨୫।୧୧**

## ରାଜ୍ୟସ୍ତରୀୟ ଥାଇବକ୍ସିଂ ଚାମ୍ପିୟନଶିପ

ଅନୁଗୋଳ ଜିଲା ଥାଇବକ୍ସିଂ ଆସୋସିଏଶନ ତରଫରୁ ତାଳଚେର ସାଉଥ୍ ବଲଣ୍ଡାରେ ଆସନ୍ତା ଶନିବାର ଓ ରବିବାର ଓଡ଼ିଶା ଥାଇବକ୍ସିଂ ଚାମ୍ପିୟନଶିପ ୨୦୨୧ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଝାରସୁଗୁଡାର ୧୯ ଖେଳାଳି ଭାଗନେବେ। ଏଥିମଧ୍ୟରେ ୧୧ ବାଳିକା ଓ ୮ ବାଳକ ରହିଛନ୍ତି। ଏମାନଙ୍କୁ ୩ବର୍ଗରେ ବିଭକ୍ତ କରାଯାଇଛି। ୯ବର୍ଷ ପର୍ଯ୍ୟନ୍ତ କ୍ୟାଡେଟ୍ ଗ୍ରୁପ୍, ୯ରୁ ୧୩ବର୍ଷ ସବ୍‌ଜୁନିଅର ଓ ୧୪ରୁ ୧୬ବର୍ଷ ପର୍ଯ୍ୟନ୍ତ ଜୁନିଅର ଗ୍ରୁପ୍‌ରେ ଅଛନ୍ତି। ଏଥିରେ ଶେଖର ବାନୀ, ପ୍ରତୀକ ମେହେର, ସାଇ ଓମ୍, ଆଦିତ୍ୟ ବିନ୍ଧାଣୀ, ବିରାଜ ଦଶରଥ, ଶୁଭମ ପୃଷ୍ଟି, ଆୟୁଷ ମହାରଣା, ଆଇସା ବାନୁ, ଅବନିସା ମହାନ୍ତି, ହରିପ୍ରିୟା ମେହେର, ସ୍ୱାତି ସୁଭଲଗ୍ନା, ମନିସା ସାହୁ, ଭାରତୀ ସିଂହ, ଭାଗ୍ୟଜ୍ୟୋତି ନାୟକ, ଆରଧ୍ୟା ମହାରଣା, ସଞ୍ଜନା ମେହେର, ଯସ୍ମିନ ବାନୋ, ଆଦ୍ୟାଶା ମହାନ୍ତି, ସ୍ୱସ୍ତିକା ମହାକୁଡ ପ୍ରମୁଖ ଖେଳାଳି ରହିଛନ୍ତି। ଏମାନେ ଶୁକ୍ରବାର ଝାରସୁଗୁଡା ରେଳଷ୍ଟେଶନରୁ ଟ୍ରେନ୍ ଯୋଗେ ତାଳଚେର ଗସ୍ତ କରିବେ ବୋଲି ଜିଲା ଆସୋସିଏଶନ ସାଧାରଣ ସମ୍ପାଦକ ନବୀନ ସିଂହ ଗଣମାଧ୍ୟମକୁ ଜଣାଇଛନ୍ତି। ଜିଲା ସାଧାରଣ ସମ୍ପାଦକ ସିଂହ, ଶିକ୍ଷୟିତ୍ରୀ ମିନତି ନାୟକ ଓ ମନୋଜ ବିନ୍ଧାଣୀ ପ୍ରତିଯୋଗିତାରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଜିଲା ଥାଇବକ୍ସିଂ ଆସୋସିଏଶନ ସଭାପତି ବିଜୟ ବେହେରା ଖେଳାଳିଙ୍କ ସଫଳତା କାମନା କରିଛନ୍ତି।



ଝାରସୁଗୁଡା ଜିଲାର ପ୍ରତିଯୋଗୀମାନେ।

# ୧୯୦ ପ୍ରକଳ୍ପ ପାଇଁ ୧୭.୬୨ କୋଟି ମଞ୍ଜୁର

**ନୂଆପଡ଼ା ଅଫିସ,୨୫।୧୧**

## ମୁକ୍ତା ଯୋଜନା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁକ୍ତା ଯୋଜନାରେ ୧୯୦ଟି ପ୍ରକଳ୍ପ ପାଇଁ ୧୭ କୋଟି ୬୨ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ନୂଆପଡ଼ା ଜିଲା ଖରିଆର ରୋଡ ସହରାଞ୍ଚଳ ସୌନ୍ଦର୍ଯ୍ୟକରଣ ପାଇଁ ୨୦୨୧-୨୦୨୨ ଆର୍ଥିକ ବର୍ଷରେ ଉକ୍ତ ଯୋଜନାରେ ଏହା ମଞ୍ଜୁର କରାଯାଇଛି ବୋଲି ନୂଆପଡା ଜିଲା ଖରିଆର ରୋଡ ଗଣପତି ପେଲେସ ପରିସରରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଖରିଆର ରୋଡ ବିଜେଡି ନଗର ସଭାପତି ରାଜେଶ ନିଗମ ସୂଚନା ଦେଇଛନ୍ତି। ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଆହ୍ୱାନକ୍ରମେ ରାଜେଶ ନିଗମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ବିଧାୟକ ପ୍ରତିନିଧି ନିଶାନ୍ତ ଡାଗା, ପୂର୍ବତନ ନଗର ଚେରମ୍ୟାନ ରାଜ କୁମାର ଚୌହାନ, ରାମେଶ ଅଗ୍ରୱାଲ, ଶେଖର ଜୈନ, ନଗର ଚେରମ୍ୟାନ ରିତା କସ୍ୟପ, ଅଞ୍ଜଳୀ ସୋନି, ଲକ୍ଷ୍ମୀ ରାହା ଟାଟେ, ପ୍ରିତୀ ସୋନି ପ୍ରମୁଖ ଯୋଗଦେଇଥିଲେ। ମୁକ୍ତା ଯୋଜନାରେ ମିଶନ ଶକ୍ତି ପାଇଁ ୧୪ଟି, ସହରାଞ୍ଚଳ ରାସ୍ତା ପାଇଁ ୨୧ଟି, କ୍ଷୁଦ୍ର ଉଦ୍ୟାନ, ଶିଶୁ କ୍ରୀଡା ଉଦ୍ୟାନ, ଖେଳ ପଡିଆ, ଶୌଚାଳୟ, ରାସ୍ତାକଡ଼ ବିକ୍ରୟସ୍ଥଳୀ, ରାସ୍ତା ଓ ଡ୍ରେନ ଇତ୍ୟାଦି ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବାରୁ ଖରିଆର ରୋଡ ନଗରବାସୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତାଜ୍ଞାପନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ନାବାଳିକାଙ୍କୁ ଅସଦାଚରଣ ଘଟଣା: ଜଣେ ଗିରଫ

**ରାଉରକେଲା ଅଫିସ,୨୫।୧୧**

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ଥାନା ଅନ୍ତର୍ଗତ ନୟାଡେରା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରି ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦୁଖାର ମାଝୀ(୫୨)। ଗତ ମେ ୧୯ରେ ଦୁଖାର ଉକ୍ତ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ପୋଲିସ ମୟୂରଭଞ୍ଜ ଜିଲା ବାଙ୍ଗରୀପୋଷି ଅଞ୍ଚଳରୁ ଦୁଖାରଙ୍କୁ ବୁଧବାର ଗିରଫ କରିଥିଲା। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଟାଙ୍ଗରପାଲି ଥାନାରେ ଏକ ମାମଲା (ନଂ.୫୨।୨୧) ରୁଜୁ ହୋଇଛି।

## ବାହାଘର ଭୋଜି ଖାଇ ୪୦ ଅସୁସ୍ଥ

**ରାଉରକେଲା ଅଫିସ,୨୫।୧୧**

ବାହାଘର ଭୋଜି ଖାଇ ରାଉରକେଲା ବାସନ୍ତୀ କଲୋନୀ ନିକଟ ହରିପୁର ବସ୍ତିର ପ୍ରାୟ ୪୦ଜଣ ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କୁ ଗୁରୁବାର ରାଉରକେଲା ସରକାରୀ ହସ୍ପିଟାଲ (ଆରଜିଏଚ୍) ସମେତ ଅନ୍ୟ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ବୁଧବାର ହରିପୁର ବସ୍ତିର କରୁଣାକର ସାହୁଙ୍କ ପୁଅ ବାହାଘର ଭୋଜି ଥିଲା। ବସ୍ତିର ଶତାଧିକ ଲୋକ ଭୋଜିଭାତ ଖାଇ ଘରକୁ ଫେରିଥିଲେ। ସକାଳେ ବସ୍ତିର ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଝାଡାବାନ୍ତି ହୋଇଥିଲା। ସେଥିମଧ୍ୟରୁ ୫ଜଣ ଆରଜିଏଚ୍‌ରେ ଚିକିତ୍ସିତ ହେଉଥିବାବେଳେ ଅନ୍ୟମାନେ ସହରର ଅନ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଆରଜିଏଚ୍ ମ୍ୟାନେଜର ମୋହିତ ଶ୍ରୀବାସ୍ତବଙ୍କୁ ପଚାରିବାରୁ ଚିକିତ୍ସାଧୀନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା କହିଛନ୍ତି।

## ଡାଲମିଆ ମହାବିଦ୍ୟାଳୟରେ ସଦ୍‌ଭାବନା ଦିବସ

**କୁତ୍ରା,୨୫।୧୧(ଡି.ଏନ.ଏ)**

ସୁନ୍ଦରଗଡ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେ ସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ଗୁରୁବାର ସଦ୍‌ଭାବନା ଦିବସ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ହିରନ ଲୁଗୁନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଏସ୍‌ଡିପିଓ ସୁମନ ଦତ୍ତ ମୁଖ୍ୟଅତିଥି ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ସମାଜରେ ସୌହାର୍ଦ୍ଦ୍ୟ ରକ୍ଷା କରିବା ପାଇଁ ଛାତ୍ରମାନଙ୍କ ଉଦ୍ୟମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି ଦତ୍ତ କହିଥିଲେ। ହିନ୍ଦୀ ଅଧାପିକା ଡାକ୍ତର ତବାସୁମ ବାନୋ, ଏନସିସି କ୍ୟାଡେଟ, ରେଡ୍‌କ୍ରସର ହାମିଡ ସାର, ଚିତ୍ତରଞ୍ଜନ ପାତ୍ରୋ, ସୁମିତ ସେଠୀ, ପ୍ରଶାନ୍ତ ମାଝି, ଆଲୋକ କୁମାର, ଶଙ୍କର ସିଂ, ଜୁମାଲ ସିଂ, ମମତା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ତବାସୁମ ବାନୋ ସଭା ପରିଚାଳନା କରିଥିଲେ।

## ଜାତୀୟ ଓପନ କରାଟେ ପ୍ରତିଯୋଗିତାରେ କଳାହାଣ୍ଡିର ୪ ପ୍ରତିଯୋଗୀ

**ଲାଞ୍ଜିଗଡ଼,୨୫।୧୧(ଡି.ଏନ.ଏ.)**

ଭୁବନେଶ୍ୱରଠାରେ ଆସନ୍ତା ୨୬ ରୁ ୨୮ ତାରିଖ ଯାଏ ୧୧ତମ ଜାତୀୟସ୍ତରୀୟ ଓପନ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ କଳାହାଣ୍ଡି ଜିଲାର ୪ଜଣ କରାଟେ ପ୍ରତିଯୋଗୀ ଲାଞ୍ଜିଗଡ଼ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟର ଯକ୍ଷ ପାଟମାଝି ଓ ରବୀନ୍ଦ୍ର ବେନାଲ ଏବଂ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ର ହିତେସ କୁମାର ମହାଖୁଡ଼ ଓ କିରନ ବେମାଲ ଗୁରୁବାର ଭୁବନେଶ୍ୱର ବାହାରିଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ବେଦାନ୍ତ ଆଲୁମିନା ବିଜନେସ ଡେପୁଟି ସିଇଓ ଜିଜି ପଲ,ଏଲଏଲଇ ମୁଖ୍ୟ ନବଲ କିଶୋର ଶର୍ମା, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ବ୍ଲକ ଅଧକ୍ଷ ଇ. ଫକୀର ମୋହନ ମାଝି, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ ଚିପ ଟେକନିକାଲ ଡ଼ାଇରେକ୍ଟର ସେନସେଇ ସୁରେଶ ଜାଲ ଯାଦବ ଖେଳାଳି ଓ କୋଚଙ୍କୁ ସମ୍ବର୍ଦ୍ଧନା କରିବା ସହ ସଫଳତା କାମନା କରିଛନ୍ତି।

## କୁତ୍ରା ପଞ୍ଚାୟତ ସମିତି ବୈଠକ

କୁତ୍ରା,(ଡି.ଏନ.ଏ): ସୁନ୍ଦରଗଡ ଜିଲା କୁତ୍ରା ପଞ୍ଚାୟତ ସମିତି କନଫରେନ୍ସ ହଲରେ ଗୁରୁବାର ବ୍ଲକ ଅଧ୍ୟକ୍ଷା ପରାଗଲତା ଲାକଡ଼ାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକର ୧୬ଟି ଗ୍ରାମପଞ୍ଚାୟତରେ ସ୍ୱାସ୍ଥ୍ୟ, ଶିକ୍ଷା, ଶିଶୁ ବିକାଶ, ରାସ୍ତାଘାଟ, ପାନୀୟ ଜଳ ସମସ୍ୟା ଦୂର ଏବଂ ବ୍ଲକର ଅନ୍ୟ କ୍ଷେତ୍ରରେ ଉନ୍ନତି ଦିଗରେ ଆଲୋଚନା ହୋଇଥିଲା। ବ୍ଲକ ଅଧ୍ୟକ୍ଷା ଲାକ୍ରା, କୁତ୍ରା ବିଡିଓ ରବୀନ୍ଦ୍ର କୁମାର ସେଠୀ, ଏବିଡ଼ିଓ ପ୍ରଶାନ୍ତ କୁମାର ଜେନା, ଜିଲା ପରିଷଦ ସଭ୍ୟ ଶରତ ସା, ସରପଞ୍ଚ, ସମିତି ସଭ୍ୟାସଭ୍ୟା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଫୁଟ୍‌ବଲ: ରଜାବସା ଚାମ୍ପିୟନ

ବଡ଼ଗାଁ,୨୫।୧୧(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମର ଗ୍ରାମରେ ସ୍ଥାନୀୟ ଜୟ ଜଗନ୍ନାଥ ୟୁଥ୍ କ୍ଲବ ପକ୍ଷରୁ ଚାଲିଥିବା ପଞ୍ଚଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ କୁତ୍ରା ବ୍ଲକ ରଜାବସା ଟିମ୍ କିଞ୍ଜିରିକେଲାକୁ ହରାଇ ଚାମ୍ପିୟନ ହୋଇଛି। ଚାମ୍ପିୟନ ଓ ରନର୍ସ ଟିମ୍ ସମେତ ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲ କରିଥିବା ନିରବହାଲ ଓ ଗୁଠିଆପଡା ଟିମ୍‌କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ବସନ୍ତ ସାହୁ ମୁଖ୍ୟଅତିଥି, ଜିତେନ୍ଦ୍ର ବାଡା, ପରମେଶର ମାଝୀ ଅନ୍ୟମତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥଲେ। ରମେଶ ଚନ୍ଦ୍ର ମାଝି ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ୨୦ଟି ଟିମ୍ ଅଂଶଗ୍ରହଣ କରିଥିଲେ।

### ପ୍ରଶାସନର ଦ୍ୱାରସ୍ଥ ହେଲେ ଅସହାୟ ମହିଳା

କୁଚିଣ୍ଡା,୨୫।୧୧(ଡି.ଏନ.ଏ.): ବାମରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ଜନୈକା ଅସହାୟ ବିଧବା ମହିଳା ସହାୟତା ପାଇଁ ଗୁରୁବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗୋମତି ନାଏକ(୬୨) ନାମ୍ନୀ ମହିଳାଙ୍କ ସ୍ୱାମୀ କୁମର ନାଏକ କିଛି ମାସ ପୂର୍ବରୁ ମୃତ୍ୟୁବରଣ କରିଛନ୍ତି। ଏପରିସ୍ଥଳେ ଗୋମତି ପର ଘରେ ମୂଲ ଲାଗି ପେଟ ପୋଷୁଥିଲେ। ମାସେ ତଳେ ତାଙ୍କର ଅଣ୍ଟା ହାଡ ଭାଙ୍ଗିଯିବାରୁ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଅସ୍ତ୍ରୋପଚାର ଅବଶ୍ୟକ ହେବାରୁ ସେ ବାମରା ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରୁ ନିରାଶ ହେବା ପରେ ସେ କୁଚିଣ୍ଡା ଉପଜିଲାପାଳଙ୍କ ସାହାଯ୍ୟ ଲୋଡିଥିଲେ। ଗୋମତି ଚାଲିପାରୁ ନ ଥିବାରୁ ବାମରାର ସ୍ୱେଚ୍ଛାସେବୀ ସୋହାନି ବାଗେ ଓ ଟିକେଶ୍ୱରୀ ରକ୍ସାଙ୍କ ସହାୟତାରେ ଉପଜିଲାପାଳଙ୍କ ପାଖକୁ ଯାଇଥିଲେ। ସେ ନିଃସନ୍ତାନ ହୋଇଥିବାରୁ ତାଙ୍କର କେହି ଭରସା ମଧ ନାହାନ୍ତି। ଭଙ୍ଗା ଘରେ ରହୁଥିବା ଏହି ବିଧବା ମହିଳାଙ୍କ ଦୁଃଖ ଏବେ ବଢ଼ିଯାଇଛି। ଏପରି ଅବସ୍ଥା ଦେଖି ଉପଜିଲାପାଳ ତାଙ୍କୁ ଚିକିତ୍ସା ପାଇଁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିବା ସହ ଜାତୀୟ ପରିବାର ମଙ୍ଗଳ ଯୋଜନା ଓ ବିଧଭା ଭତ୍ତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

### ଭୁଲୁପଡ଼ା ଫୁଟ୍‌ବଲ: ଜୁନାଡିହି ଚାମ୍ପିୟନ

କୁଚିଣ୍ଡା,୨୫।୧୧(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ବାଉରିଗୋଡା ପଞ୍ଚାୟତର ଭୁଲୁପଡା ଖେଳପଡିଆରେ ଚାଲିଥିବା ଦ୍ୱିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଭୁଲୁପଡା ୟୁଥ୍ ସୋସାଇଟି ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟରେ ମୋଟ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଜୁନାଡିହି ଓ ତାଲମୁଣ୍ଡା ଦଳ ମଧରେ ଫାଇନାଲ ମ୍ୟାଚ ହୋଇଥିବାବେଳେ ପେନାଲ୍ଟି ଶୁଟ୍‌ଆଉଟରେ ଜୁନାଡିହି ଚାମ୍ପିୟନ ହୋଇଥିଲା। ରାଜେଶ ଛତ୍ରିଆ, ଜୀବନ ବୁଦୁଲା ଓ ରାଜେଶ ଜୟପୁରିଆ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ୟୁଥ୍ ସୋସାଇଟି ସଭାପତି ଆକାଶ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ଶିକ୍ଷକ ସଦାଶିବ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫିସହ ୧୫ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫିସହ ୧୦ ହଜାର ଟଙ୍କା ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ।

### ନୂତନ ଅତିରିକ୍ତ ଜିଲା ଜଜ୍‌ଙ୍କୁ ସମ୍ବର୍ଦ୍ଧନା

ଦେବଗଡ଼,୨୫।୧୧(ଡି.ଏନ.ଏ.): ଦେବଗଡ ଜିଲାରେ ନୂତନ ଅତିରିକ୍ତ ଜିଲା ଓ ଦୌରା ଜଜ୍ ଭାବେ ଗୁରୁବାର କାର୍ଯ୍ୟରେ ଯୋଗଦେଇଥିବା ଶ୍ରୀନିବାସ ପ୍ରତିହାରୀଙ୍କୁ ଜିଲା ଓକିଲ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଜିଲା ଓକିଲ ସଂଘ କର୍ଯ୍ୟାଳୟ ପରିସରରେ ସଭାପତି ପ୍ରମଥେଶ ଗୁରୁଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭାରେ ଉପସଭାପତି ରୁଦ୍ରମଣି ବେହେରା, ସମ୍ପାଦକ ଟିକେଶ୍ୱର ଧଳ, ସହସମ୍ପାଦକ ବିରେନ କୁମାର ପ୍ରଧାନ ଓ କୋଷାଧକ୍ଷ ରାଜକିଶୋର ପ୍ରଧାନ ପ୍ରମୁଖ ନୂତନ ଅତିରିକ୍ତ ଜିଲା ଓ ଦୌରା ଜଜ୍ ପ୍ରତିହାରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଅନ୍ୟମାନଙ୍କ ମଧରେ ବରିଷ୍ଠ ଅଇନଜୀବୀ ଦିଲୀପ କୁମାର ଗୁରୁ, ମନୋଜ କୁମାର ପାଢ଼ୀ, ଅଭିମନ୍ୟୁ ରଣା, ଜୟଭଗବାନ ଅଗ୍ରୱାଲା, ଭୁପେନ୍ଦ୍ର ନାଥ ଦେବ, ସୁଧାଂଶୁ କୁମାର ଅମାତ୍ୟ, କେଶବ ଚନ୍ଦ୍ର ସାହୁ, ଶ୍ରୀବତ୍ସ ମିଶ୍ର ଓ ବିକାଶ କୁମାର ପ୍ରଧାନଙ୍କ ସମେତ ସଂଘର ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

# ଆମରଣ ଅନଶନ: ଛବି ସୁଧାରିବାକୁ ଉଦ୍ୟମ

ସମ୍ବଲପୁର,୨୫।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ କବରପାଲି ପଞ୍ଚାୟତରେ ଆର୍ଥିକ ଅନିୟମିତତା ଓ ନିର୍ମାଣ କାମରେ ଦୁର୍ନୀତି ଅଭିଯୋଗ ହୋଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ଗୁରୁବାର ପଞ୍ଚାୟତ ସମିତି ଅଫିସରେ ଆମରଣ ଅନଶନ ଆରମ୍ଭ ହୋଇଛି। ଏଥିରେ ନାଏବ ସରପଞ୍ଚ ସତ୍ୟବାଦୀ ଛତର, ୱାର୍ଡସଭ୍ୟ ଦୟା ଜଉଡା, ସୁଭଦ୍ରା ସୋହେଲା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ସାହୁଙ୍କ ସମେତ ଅଞ୍ଚଳବାସୀ ସାମିଲ ହୋଇଥିଲେ। ଝୁଝୁମୁରା ବିଡିଓ ସୁରଜ ବିଶ୍ୱାଳ ପହଞ୍ଚି ଆଲୋଚନା କରିଥିଲେ। ହେଲେ ସେମାନେ ରାଜି ହୋଇ ନ ଥିଲେ। ୨୪ ଘଣ୍ଟା ଭିତରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହେବ


ସମ୍ବଲପୁର ଜିଲା କବରାପାଲି ପଞ୍ଚାୟତରେ ଆମରନ ଅନଶନ।

ବୋଲି ଜିଦ୍ ଧରିଥିଲେ। ପରେ ଏକ କମିଟି ଗଠନ କରାଯାଇ ତଦନ୍ତ କରାଯିବାକୁ ବିଡିଓ ବିଶ୍ୱାଳ ପ୍ରତିଶ୍ରୁତି ଦେଇଥିଲେ।

ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାହୁ ସରପଞ୍ଚଙ୍କୁ ନିର୍ବାଚନ ସମୟରେ ସମର୍ଥନ କରି ବିଜୟୀ କରାଇଥିଲେ। ଦୀର୍ଘ ସାଢେ ୪ବର୍ଷ ହେବ

**ବିଡିଓଙ୍କ ଆଲୋଚନା, ପ୍ରତିଶ୍ରୁତି**

ଉଭୟଙ୍କ ସମ୍ପର୍କ ଭଲ ରହିଥିଲା। ଆଉ ମାତ୍ର କିଛି ମାସ କ୍ଷମତା ରହିଥିବା ବେଳେ ସାହୁ ଏଭଳି ଅଭିଯୋଗ ଆଣିଥିବାରୁ ତାଙ୍କୁ ସମାଲୋଚନା କରାଯାଉଛି। ସାଙ୍ଗରେ କାମ କରିବା ସମୟରେ ଦୁର୍ନୀତି କିଭଳି ଜାଣି ପାରିଲେ ନାହିଁ। ସମସ୍ତ ଉନ୍ନୟନମୂଳକ କାମ ତାଙ୍କ ଇଙ୍ଗିତରେ ହେଉଥିଲା। ଏବେ ପଞ୍ଚାୟତରେ ଦୁର୍ନୀତି ପାଇଁ ସରପଞ୍ଚଙ୍କୁ ଜନସାଧାରଣ ଦାୟୀ କରୁଛନ୍ତି। ଏଭଳି ସମୟରେ ସାହୁ ସରପଞ୍ଚଙ୍କ ହାତ ଛାଡି ତାଙ୍କ ବିରୋଧରେ ଆମରଣ ଅନଶନ କରିବା ଏକ ରାଜନୈତିକ ଚାଲ ବୋଲି ଚର୍ଚ୍ଚା ହେଉଛି। ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଛି। ତେଣୁ ସାହୁ ନିଜର ଛବି ସୁଧାରିବାକୁ ଏଭଳି ପଦକ୍ଷେପ ଗ୍ରହଣ କରିଥିବା କହି ବିରୋଧୀ ସମାଲୋଚନା କରୁଛନ୍ତି। ଏ ସମ୍ପର୍କରେ ସାହୁ କହିଛନ୍ତିଯେ, ନିର୍ବାଚନ ସମୟରେ ସେ ସମର୍ଥନ କରିଥିଲେ । ତାଙ୍କୁ ଲୋକମାନଙ୍କ ସେବା କରିବା, ପଞ୍ଚାୟତ ଉନ୍ନତି କରିବାକୁ ପରାମର୍ଶ ଦେଇଥିଲି। ଏବେ ଲୋକମାନେ ଦୁର୍ନୀତି ନେଇ ମୋ ପାଖରେ ଅଭିଯୋଗ କଲେ। ଏ ସମ୍ପର୍କରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାହୁ କହିଛନ୍ତି, ପ୍ରଥମେ ଜିଲାପାଳ ଓ ପରେ ବିଡିଓଙ୍କ ପାଖରେ ଅଭିଯୋଗ କରାଯାଇଥିଲା। ୧୫ଦିନ ପରେ ମଧ ତଦନ୍ତ ହେଲା ନାହିଁ। ତେଣୁ ପଞ୍ଚାୟତ ଅଫିସରେ ଆମରଣ ଅନଶନ କରିଛୁ। ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମୋ ନାମରେ ଯେଉଁ ଅଭିଯୋଗ କରାଯାଉଛି ତାହା ଭିତ୍ତିହୀନ। ବହୁବର୍ଷ ଲୋକଙ୍କ ସେବା କରିଆସିଛି ଆଗକୁ ମଧ ଜାରି ରହିବ ବୋଲି କହିଥିଲେ।

## ଜିଲା ପୁରୁଷ କବାଡି ଦଳର ସୁନ୍ଦରଗଡ଼ ଯାତ୍ରା

ଦେବଗଡ଼,୨୫।୧୧(ଡି.ଏନ.ଏ.)

ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ ନିମନ୍ତେ ଦେବଗଡ ଜିଲା ପୁରୁଷ (ବରିଷ୍ଠ ବର୍ଗ) କବାଡି ଦଳ ଗୁରୁବାର ସୁନ୍ଦରଗଡ ଯାତ୍ରା କରିଛି । ଏହି ଦଳ ଆଗାମୀ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ପ୍ରତିଯୋଗିତାରେ ଦେବଗଡ ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହି ଦଳ ସୁନ୍ଦରଗଡ ଜିଲା ଗସ୍ତ କରିବା ପୂର୍ବରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଏକତ୍ରିତ ହୋଇଥିଲେ। ଜିଲା କ୍ରୀଡା ସଂସଦ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯିବ ସହ ସଫଳତା ନିମନ୍ତେ କାମନା କରାଯାଇଥିଲା। ଦଳକୁ ଉତ୍ସାହିତ କରିବା ପାଇଁ ଦେବଗଡ ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ ଏହି ଦଳର ସମସ୍ତ ସଦସ୍ୟଙ୍କୁ ନିଜସ୍ୱ ଖର୍ଚ୍ଚରୁ ପୋଷାକ ଏବଂ ଯୋତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡା ସଂସଦ ସମ୍ପାଦକ ଧିରେନ୍ଦ୍ର ନାୟକଙ୍କ ସମେତ ପ୍ରାକ୍ତନ କବାଡି ଖେଳାଳି ପ୍ରଦୀପ ଛତ୍ରିଆ, ମନୋଜ କୁମାର ଆଚାର୍ଯ୍ୟ, ଆଲୋକ କୁମାର ଅମାନ୍ତ, ଟିଙ୍କଲ ନାୟକ, ରୂପକ କୁମାର ମାଝି, ଦୀନ ଦେବ ଓ ଗନି ଦେବ ପ୍ରମୁଖ ପସ୍ଥିତ ଥିଲେ।

## ଦରଦାମ୍ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ରାଉରକେଲା ଅଫିସ,୨୫।୧୧

ଉଦିତନଗର ଆମ୍ବେଦକର ଛକରେ ଜିଲା ଯୁବ କଂଗ୍ରେସ ପକ୍ଷରୁ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ରନ୍ଧନ ଗ୍ୟାସ ବୃଦ୍ଧିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ରନ୍ଧନଗ୍ୟାସ ଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାରିକ ବିଭିନ୍ନ ସାମଗ୍ରୀର ଦରଦାମ ଆକାଶଛୁଆଁକୁ ନେଇ ଦଳର ନେତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ଏହି ବିକ୍ଷୋଭ ସମାବେଶରେ ଦଳର ବରିଷ୍ଠ ନେତା ସବୀର ହୁସେନ, କୀର୍ତ୍ତନ ଦାସ, ଦେବବ୍ରତ ବିହାରୀ, ବାଦଲ ଶ୍ରୀଚନ୍ଦନ, କେଦାର ବାରିକ, ଧୀରେନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## କେଜେଡିର ୫ମ ପ୍ରତିଷ୍ଠା ଦିବସ



କେଜେଡିର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା ଅଫିସ,୨୫।୧୧

ରାଉରକେଲାର ଏକ ହୋଟେଲରେ କୋସଲ ଜନତା ଦଳ (କେଜେଡି)ର ୫ମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଉତ୍ସବରେ କେଜେଡିର ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର କୋସଲ ଆନ୍ଦୋଳନର ପୃଷ୍ଠଭୂମି ଅବତାରଣା କରିବା ସହ କୋସଲି ଭାଷା ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର କୋସଲ ରାଜ୍ୟ ଦାବିର ଯଥାର୍ଥତା ପ୍ରତିପାଦନ କରିଥିଲେ। ଏହି ଆନ୍ଦୋଳନ ପାଇଁ ଯୁବପୀଢି ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଦଳର କାର୍ଯ୍ୟକାରୀ ସଭାପତି ସନତ କୁମାର ପ୍ରଧାନ ଦଳ ତାର ଆଦର୍ଶରୁ ବିଚ୍ୟୁତ ହୋଇନାହିଁ ବୋଲି ମତ ଦେଇଥିଲେ। କେଜେଡିର ମୁଖପାତ୍ର ଡା. ସୁରମା ମିଶ୍ର ରାଜ୍ୟରେ ମହିଳା ନିର୍ଯାତନା ସହ ରାଜନେତାମାନଙ୍କ ସମ୍ପୃକ୍ତି ଓ ସେମାନଙ୍କୁ ଘଣ୍ଟ ଘୋଡାଇବା ପାଇଁ ପୋଲିସ୍ ପ୍ରଶାସନକୁ ନିୟୋଜିତ କରିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ସରକାର ଯୁବପୀଢିକୁ ନିଶାର ବଳୟ ମଧ୍ୟକୁ ଠେଲି ଦେଇଥିବା ବେଳେ ମହିଳାମାନଙ୍କ ମଦ ବିରୋଧୀ ଆନ୍ଦୋଳନକୁ ଦୃଢ ହସ୍ତରେ ଦମନ କରୁଛନ୍ତି। ରାଜ୍ୟର ଆସାମଞ୍ଜସ୍ୟ ବିକାଶ ପାଇଁ ପଶ୍ଚିମ ଓଡିଶା ସ୍ୱତନ୍ତ୍ର ରାଜ୍ୟ ଦାବି କରୁଛି ଓ କେଜେଡି ନେତୃତ୍ୱରେ ଏହି ଦାବି ଏକ ବିରାଟ ଜନଆନ୍ଦୋଳନର ରୂପ ନେବ ବୋଲି ସେ ଚେତାଇ ଦେଇଥିଲେ। ଦଳର ଉପଦେଷ୍ଟା ଡ. ଅନୀଲ କୁମାର ସିଂହଦେଓ କହିଥିଲେ, ଓଡିଶାର ପଶ୍ଚିମ ପ୍ରାନ୍ତକୁ ନେଇ ସ୍ୱତନ୍ତ୍ର ରାଜ୍ୟର ପରିକଳ୍ପନା କ୍ରମେ ଦୃଢରୁ ଦୃଢତର ହେଉଛି। କୋଷାଧକ୍ଷ ଲଲାଟେନ୍ଦୁ ଚୌଧୁରୀ ଦଳର କାର୍ଯ୍ୟାବଳୀକୁ ନେଇ ଆତ୍ମସମୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ।

## ସାପ୍ତାହିକ ହାଟ ସ୍ଥାନାନ୍ତର: ବିଡିଓଙ୍କୁ ଦାବିପତ୍ର

କୋଲାବିରା,୨୫।୧୧(ଡି.ଏନ.ଏ.)

କୋଲାବିରା ବ୍ଲକ ସମାସିଂହା ଗ୍ରାମରେ ବସୁଥିବା ସାପ୍ତାହିକ ହାଟକୁ କରୋନା କଟକଣା ସମୟରେ ସ୍ଥାନାନ୍ତର କରାଯାଇଥିଲା। ମାତ୍ର କଟକଣା ହଟିବା ପରେ ଅନ୍ୟ ସମସ୍ତ ସ୍ଥାନରେ ସ୍ଥାନାନ୍ତରଣ କରାଯାଇଥିବା ସାପ୍ତାହିକ ହାଟ ପୂର୍ବ ସ୍ଥାନକୁ ଫେରିଆସିଥିବା ବେଳେ ସମାସିଂହା ହାଟ ପୂର୍ବ ସ୍ଥାନକୁ ଅଣାଯାଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଶତାଧିକ ବର୍ଷ ପୂର୍ବରୁ ସମାସିଂହା ଗ୍ରାମରେ ବସୁଥିଲା ବୁଧବାର ହାଟ। ଏହି ହାଟଟି ଜନବସତିକୁ ଲାଗି ବସୁଥିବାରୁ ଗ୍ରାମର ମହିଳାମାନେ ନିର୍ଦ୍ଦ୍ୱନ୍ଦ୍ୱରେ ହାଟକୁ ଯାଇ ସଉଦା କିଣିପାରୁଥିଲେ। ମାତ୍ର କରୋନା ସମୟରେ ସାମାଜିକ ଦୂରତା ଓ ସଂକ୍ରମଣ ଏଡାଇବାକୁ ଯାଇ ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ଜନବସତିଠାରୁ ଦୂରରେ ଖୋଲା ସ୍ଥାନକୁ ହାଟ ସ୍ଥାନାନ୍ତର କରାଯାଇଥିଲା। ଏବେ ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରିଥିବାରୁ ହାଟ ପୂର୍ବ ସ୍ଥାନରେ ବସାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର ପ୍ରକାଶ କୁମାର ସାହୁ, ଭଗବତ ପ୍ରସାଦ ସାହୁ, ଲବଙ୍ଗ ସେଟ, ସସ୍ମିତା ସେଟ, ଶିଖା ସେଟ, ସବିତା ସାହୁ, ଅଶୋକ ରଣା, ଭାରତି ପୃଷେଠ, ପ୍ରମୋଦ କୁମାର ପଟେଲ ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ କୋଲାବିରା ବିଡିଓ ବିଜୟ କୁମାର ସଏ କହନ୍ତି, ପୂର୍ବରୁ ହାଟ ବସୁଥିବା ସ୍ଥାନଟି ସୁରକ୍ଷିତ ନ ଥିଲା। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଏବେ ହାଟ ବସୁଥିବା ସ୍ଥାନଟି ଉତ୍ତମ। ଏଠାରେ ବଜାର ପାଇଁ ସେଡ୍, ପିଣ୍ଡି ଓ ଶୌଚାଳୟ ଆଦି ନିର୍ମାଣ ପାଇଁ ସୁଯୋଗ ରହିଛି। ଏଠାରେ ସାପ୍ତାହିକ ହାଟ ବସିବା ଦ୍ୱାରା ଲୋକେ ସୁରକ୍ଷିତ ଭାବରେ ସଉଦା କିଣାବିକା କରିପାରିବେ। ସ୍ଥାନାନ୍ତର ପାଇଁ ଗ୍ରାମବାସୀଙ୍କ ଆବେଦନପତ୍ର ହସ୍ତଗତ ହୋଇଛି। ଏ ନେଇ ସେ ଲୋକଙ୍କ ସହିତ କଥା ହେବେ ବୋଲି କହିଛନ୍ତି।

## କଲେଜରେ ଭୋଟର ସଚେତନତା କାର୍ଯ୍ୟକ୍ରମ

ନାକଟିଦେଉଳ,୨୫।୧୧(ଡ଼ି.ଏନ.ଏ.)

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ବୁଧବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ଅଧାପକ ଦେବେଶ କୁମାର ବିଶ୍ୱାଳ, ଭଜମୋହନ ପ୍ରଧାନ, ବିନୋଦ ବିହାରୀ ପ୍ରଧାନ, ଅଧାପିକା ଲିଟିନା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଯୋଗଦେଇ ଦେଶର ଗଣତନ୍ତ୍ରକୁ ସୁଦୃଢ କରିବା ଦିଗରେ ଭୋଟରମାନଙ୍କ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ଏ ଦିଗରେ ସମସ୍ତ ଭୋଟର ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଯେଉଁମାନଙ୍କ ୧୮ବର୍ଷ ହୋଇସାରିଲାଣି ସେମାନେ ଭୋଟର ତାଲିକାରେ ନିଜର ନାମ ପଞ୍ଜୀକରଣ କରିବା ପାଇଁ ଆପ ମାଧମରେ କିପରି ଆବେଦନ କରିବେ ସେ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସ୍ନାତକ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ରାଉରକେଲାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ରାଉରକେଲା ଅଫିସ,୨୫।୧୧

ରାଉରକେଲାରେ ଶାନ୍ତି ପ୍ରତିଷ୍ଠା ପାଇଁ ଗୁରୁବାର ସକାଳେ ପ୍ଲାଣ୍ଟସାଇଟ ଥାନା ପରିସରରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଉକ୍ତ ଫ୍ଲାଗମାର୍ଚ୍ଚ ସହରର ଟ୍ରାଫିକ୍ ଗେଟ ଦେଇ ରାଉରକେଲା ରିଂରୋଡରେ ପହଞ୍ଚିଥିଲା। ଏଥିରେ ୨ ପ୍ଲାଟୁନ ଓଏସ୍ଏଫ୍ ଯବାନ ଓ ୧ ପ୍ଲାଟୁନ ସିଆରପିଏଫ ଯବାନ ସାମିଲ ହୋଇଥିଲେ। ରାଉରକେଲା ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ, ଓଏସ୍ଏଫ କମାଣ୍ଡାଣ୍ଟ ପାର୍ଥେସ ପୂର୍ତ୍ତିଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ଉଦ୍‌ଘାଟନ ହେଲା ଆଇଆର୍‌ଏଡି ଆପ୍

ସମ୍ବଲପୁର,୨୫।୧୧(ବ୍ୟୁରୋ)

ସମ୍ବଲପୁର ଜିଲାରେ ଇଣ୍ଟିଗ୍ରେଟେଡ ରୋଡ ଆକ୍ସିଡେଣ୍ଟ ଡାଟା ବେସ (ଆଇଆରଏଡି) ଆପ୍ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳଙ୍କ ଅଫିସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଆର୍‌ଟିଓ ପ୍ରମୋଦ କୁମାର ସାହୁଙ୍କ ସମେତ ଡିଆଇଓ ରୁଦ୍ର କୁମାର ଦାସ, ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା, ଟ୍ରାଫିକ ଡିଏସ୍‌ପି ନଗେନ୍ଦ୍ର କୁମାର ଷଡଙ୍ଗୀ, ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆପ୍ ଫଳରେ ଜିଲାରେ କେତେ ଦୁର୍ଘଟଣା ଘଟୁଛି, କେଉଁ ବ୍ୟକ୍ତି ଦୁର୍ଘଟଣା ଘଟାଉଛନ୍ତି କିମ୍ବା ଆହତ ଓ ମୃତ ହୋଇଛନ୍ତି, କେଉଁ ଗାଡି ଦୁର୍ଘଟଣା ଘଟାଇଛି ଆଦି ତଥ୍ୟ ମିଳିପାରିବ। ଏହି ଆପ୍ ଜିଲା ସ୍ୱାସ୍ଥ୍ୟ ବିଭାଗ ସହିତ ଯୋଡି ହେବ। ଦୁର୍ଘଟଣା ନେଇ ପୋଲିସ ଡାଟାବେସରେ ଅପଲୋଡ କଲେ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ମିଳିବ। ସେମାନେ ମଧ ଚିକିତ୍ସା ପାଇଁ ସଜାଗ ରହିବେ। ଫଳରେ ଦୁର୍ଘଟଣା ଜନିତ ମୃତ୍ୟୁ ହାର କମିଯିବ। ଏହା ସହ କେଉଁ ସ୍ଥାନରେ ଅଧିକ ଦୁର୍ଘଟଣା ଘଟୁଛି ସେ ନେଇ ମଧ ତଥ୍ୟ ସାମ୍ନାକୁ ଆସିବ ବୋଲି କୁହାଯାଇଛି।

## ସହକାରୀ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବି

ଦେବଗଡ଼,୨୫।୧୧(ଡି.ଏନ.ଏ.)

ତିଲେଇବଣି ବ୍ଲକ କେନ୍ଦେଇଜୁରୀ ପଞ୍ଚାୟତ ଅନ୍ତର୍ଗତ ଠେଲକୋଗୁଡି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ସବିତା ମିଞ୍ଜଙ୍କୁ ବଦଳି କରାଯାଇଥିବାରୁ ଗ୍ରାମବାସୀ ତଥା ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷୟିତ୍ରୀ ମିଞ୍ଜଙ୍କୁ ବଦଳି କରା ନ ଯାଇ ପୂର୍ବବତ ସେଠାରେ



ଅବସ୍ଥାପିତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଠେଲକୋଗୁଡି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ବିଦ୍ୟାଧର ପ୍ରଧାନ ଓ ସମିତି ସଦସ୍ୟ କୁବେର କିସାନଙ୍କ ସମେତ ବହୁ ଅଭିଭାବକ ଓ ଗ୍ରାମବାସୀ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ଆସି ଆଗାମୀ ୭ ଦିନ ମଧରେ ସହକାରୀ ଶିକ୍ଷୟିତ୍ରୀ ମିଞ୍ଜଙ୍କ ବଦଳି ବାତିଲ କରିବାକୁ ଲିଖିତ ଭାବେ ଦାବି କରିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ତାଙ୍କର ବଦଳି ବାତିଲ କରା ନ ଯାଏ ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟ କରିବେ ବୋଲି ଚେତାବନୀ ଦିଆଯାଇଛି।

## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଦେବଗଡ଼,୨୫।୧୧(ଡି.ଏନ.ଏ.)

ଦେବଗଡ ଜିଲା ସହକାରୀ ଦୌରାଜଜ୍ ରମାକାନ୍ତ ମହାନ୍ତି ଏକ ବଳାତ୍କାର ମାମଲାର ବିଚାର କରି ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୫ ମସିହାରେ ଦେବଗଡ ଥାନାଞ୍ଚଳର ଜଣେ ଯୁବତୀ ଶୌଚ ପାଇଁ ଘର ପଛପଟକୁ ଯାଇଥିବା ବେଳେ ଦେବାନନ୍ଦ ବେହେରା ତାଙ୍କୁ ବଳପୂର୍ବକ ବଳାତ୍କାର କରିଥିବା ଏବଂ ଘଟଣାକୁ ପ୍ରଘଟ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଦେବଗଡ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଦେବଗଡ ପୋଲିସ ଅଭିଯୁକ୍ତ ଦେବାନନ୍ଦଙ୍କ ବିରୋଧରେ ବଳାତ୍କାର ଓ ହତ୍ୟା ଧମକ ଦଫାରେ ଏକ ମାମଲ ରୁଜୁ କରିଥିଲା। ଘଟଣାର ତଦନ୍ତ ଚଳାଇବା ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜିଲା ସହକାରୀ ଦୌରାଜଜ୍ ମହାନ୍ତି ଏ ମାମଲାର ବିଚାର କରି ସାକ୍ଷ୍ୟମାନଙ୍କ ବୟାନ ରେକର୍ଡ କରିବା ସହ ଉଭୟ ପକ୍ଷ ଓକିଲମାନଙ୍କ ଜବାବ ସୁଆଲକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଶରେ ଖଲାସ କରିଥିଲେ। ଅଭିଯୁକ୍ତ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ପାଢୀ ମକଦ୍ଦମା ପରିଚାଳନା କରିଥିବା ବେଳେ ସହଯୋଗୀ ଜହ୍ନାଜୟ ପ୍ରଧାନ ସହଯୋଗ କରିଥିଲେ।

## ଇଞ୍ଜିନିୟରିଂ ସ୍କୁଲ ସମ୍ପତ୍ତି ସୁରକ୍ଷା ଦାବି

ଝାରସୁଗୁଡ଼ା ଅଫିସ,୨୫।୧୧

ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ସମ୍ପତ୍ତି ସୁରକ୍ଷା ପାଇଁ ପୁରାତନ ଛାତ୍ର ଜିଲାପାଳ ତଥା ସ୍କୁଲ୍ ଚେୟାରମ୍ୟାନ୍‌ଙ୍କ ନିକଟରେ ଫେରାଦ ହୋଇ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ସ୍କୁଲ୍ ପରିସରରେ ବହୁ ମୂଲ୍ୟବାନ ଗଛ ରହିଥିଲା। ଏସବୁକୁ ବେଆଇନ ଭାବେ କାଟି କେତେକ ଗଛ ବାହାରକୁ ଚାଲାଣ କରାଯିବା ସହ ଆଉ କିଛି ମାଟିତଳେ ପୋତି ଦିଆଯାଇଥିଲା। ପୁରାତନ ଛାତ୍ରଙ୍କ ହସ୍ତକ୍ଷେପ ଫଳରେ ବନ ବିଭାଗ ଏହାର ପର୍ଦ୍ଦାଫାଶ କରିଥିଲା। ଏଥିରେ କେତେଜଣ ଶିକ୍ଷକ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହାର କିଛିମାସ ପରେ ଗତ ଅଗଷ୍ଟ ୧୮ରେ ସ୍କୁଲ୍ ପରିସରରୁ କେତେକ ଅଚଳ ଯନ୍ତ୍ରାଂଶକୁ ବେଆଇନ୍ ଭାବେ ସ୍କ୍ରାପ୍‌ରେ ଚୋରା ଚାଲାଣ କରାଯାଇଥିଲା। ଏ ସମ୍ପର୍କରେ ପୁରାତନ ଛାତ୍ର ଖବରପାଇ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ।


ପୁରାତନ ଛାତ୍ରମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟରଙ୍କୁ ଦାବିପତ୍ର ଦେଉଛନ୍ତି।

ସେତେବେଳେ ସ୍କୁଲ ଅଧ୍ୟକ୍ଷ ଧନଞ୍ଜୟ ଖୁରା ଏହାକୁ ଅସ୍ୱୀକାର କରିଥିଲେ। ଏହାର ୨ମାସ ପରେ ଅକ୍ଟୋବର ୨୯ରେ ଅଧ୍ୟକ୍ଷ ଝାରସୁଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ୫୩୨/୨୧) ରୁଜୁ କରିଛି। ଅଧ୍ୟକ୍ଷ ପ୍ରଥମେ ଘଟଣାକୁ ଅସ୍ୱୀକାର କରୁଥିବାବେଳେ ପୁଣି କେମିତି ପୋଲିସରେ ଅଭିଯୋଗ କଲେ ବୋଲି ପୁରାତନ ଛାତ୍ରମାନେ ପ୍ରଶ୍ନ କରିଛନ୍ତି। ସେହିପରି ସ୍କୁଲ୍ ଶିକ୍ଷକଙ୍କ ଘରଭଡ଼ାକୁ ନେଇ ଲକ୍ଷାଧିକ ଟଙ୍କାର ଅନିୟମିତତା ହୋଇଛି। ଏଥିରେ କର୍ତ୍ତୃପକ୍ଷଙ୍କ ସମ୍ପୃକ୍ତି ରହିଛି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିବା ପୁରାତନ ଛାତ୍ର ମଧ୍ୟରେ ସତ୍ୟନାରାୟଣ ରାଓ, ଦେବାନନ୍ଦ ବାରିକ, ଅଜିତ କୁମାର ରଥ, ରତ୍ନାକର ପ୍ରଧାନ ଓ ପ୍ରଭାକର ଓରାମ ପ୍ରମୁଖ ରହିଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ଖୁରାଙ୍କୁ ପଚାରିବାରୁ ସେ କହିଥିଲେ, ଏ ନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି। ଏଥିରେ ଯେଉଁମାନେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଆକାଶବାଣୀ, ଦୂରଦର୍ଶନ କେନ୍ଦ୍ର ପୁରସ୍କୃତ

ସମ୍ବଲପୁର,୨୫।୧୧(ବ୍ୟୁରୋ)

ସରକାରୀ କାର୍ଯ୍ୟରେ ହିନ୍ଦୀର ଉତ୍କୃଷ୍ଟ ଓ ବହୁଳ ବ୍ୟବହାର ଲାଗି ୨୦୨୦-୨୧ ବର୍ଷ ସକାଶେ ସମ୍ବଲପୁର ଆକାଶବାଣୀ ଏବଂ ଦୂରଦର୍ଶନ କେନ୍ଦ୍ର ପୁରସ୍କୃତ ହୋଇଛି। ମହାନଦୀ କୋଇଲା କମ୍ପାନୀ ମୁଖ୍ୟାଳୟ ଜାଗୃତି ବିହାରଠାରେ ଆୟୋଜିତ ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବାର୍ଷିକ ବୈଠକରେ ହିନ୍ଦୀରେ ଉତ୍କୃଷ୍ଟ କାର୍ଯ୍ୟ କରୁଥିବା କେନ୍ଦ୍ର ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଉପକ୍ରମମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସମ୍ବଲପୁର ଦୂରଦର୍ଶନ ଓ ଅକାଶବାଣୀ ମଧ ପୁରସ୍କୃତ ହୋଇଛି। କୋଲକାତା ଆଞ୍ଚଳିକ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ ଉପନିର୍ଦ୍ଦେଶକ ନିର୍ମଳ କୁମାର ଦୁବେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆକାଶବାଣୀ କେନ୍ଦ୍ରର ମୁଖ୍ୟ ରମେଶ ଚନ୍ଦ୍ର ଭୋଇ ଓ ପ୍ରଭାରୀ ହିନ୍ଦୀ ଅଧିକାରୀ କ୍ଷେତ୍ରମଣି ବିଭାର ପୁରସ୍କାର ସ୍ୱରୂପ ରାଜଭାଷା ଶିଲ୍ଡ ଏବଂ ପ୍ରମାଣପତ୍ର ଗ୍ରହଣ କରିଥିଲେ।



ଆକାଶବାଣୀ କେନ୍ଦ୍ରର ଅଧିକାରୀମାନେ ଅତିଥିଙ୍କଠାରୁ ରାଜଭାଷା ଶିଲ୍ଡ ଗ୍ରହଣ କରୁଛନ୍ତି।

## ବାହାରିଲା ପୁରୁଷ ବନ୍ଧ୍ୟାକରଣ ସଚେତନତା ରଥ

ଡୁଙ୍ଗୁରିପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବୁଧବାର ପୁରଷ ବନ୍ଧ୍ୟାକରଣ ସଚେତନତା ରଥ ପରିକ୍ରମା ଆରମ୍ଭ କରିଛି । ଡ.ଶ୍ୱେତଲିନା ପାଢୀ ସବୁଜ ପତାକା ଦେଖାଇ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ । ଏହି ରଥ ବ୍ଲକର ବିଭିନ୍ନ ଗ୍ରାମରେ ପୁରୁଷ ବନ୍ଧ୍ୟାକରଣ ବିଷୟରେ ଲୋକଙ୍କୁ ସଚେତନ କରିବ। ଏହି କାର୍ଯ୍ୟକ୍ରମରେ ବିପିଏମ ରାଜେଶ ମହାପାତ୍ର, ନିରୂପମା ମୁଦି, ପ୍ରଦୀପ ସାହୁ, ରାଜୁ ଭୋଇ, ପ୍ରଭାସ ପଧାନ, ମୋତିଲାଲ ନାଏକ, ସୁଦାମ ନାଏକ, ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣପୁରରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ

## ୭୯ କୋଟି ପ୍ରକଳ୍ପ ଲୋକାର୍ପିତ, ୧୪୮ କୋଟିର ଶିଳାନ୍ୟାସ

ସୋନପୁର,୨୫।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭିଡିଓ କନଫେରେନ୍ସିଂ ଯୋଗେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏଥିସହ ୭୯.୨୨କୋଟି ଟଙ୍କାରେ ୬୭ ପ୍ରକଳ୍ପ ଉଦ୍‌ଘାଟନ ଓ ୧୪୮.୦୪ କୋଟି ଟଙ୍କାରେ ୩୫ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର କରିଛନ୍ତି। ମୁଖ୍ୟମନ୍ତ୍ରୀ ଜିଲାର ଇଷ୍ଟଦେବୀ ଜୟ ମା ସୁରେଶ୍ୱରୀ କହି ନିଜର ଭାଷଣ ଆରମ୍ଭ କରିଥିଲେ। ଜିଲାର କଳା ଓ ସଂସ୍କୃତିକୁ ଉଚ୍ଚ ପ୍ରଶଂସା କରିଥିଲେ। ଜିଲାର ସ୍ୱାସ୍ଥ୍ୟ, ଶିକ୍ଷା ଓ ଜଳସେଚନ ପାଇଁ ବହୁତ କିଛି କାମ ହୋଇଛି। ୭ ମହଲା ବିଶିଷ୍ଟ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟର କୋଠା ନିର୍ମାଣ ଚାଲିଛି। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ରାଜ୍ୟବାସୀଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଉଛି। ଏବେ ସ୍ମାର୍ଟ କାର୍ଡ ହିଁ ଟେନସନ ଦୂର କରିବ ।

ଜିଲାରେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିବା ପ୍ରକଳ୍ପ ମଧ୍ୟରେ ରାମେଶ୍ୱର ନିକଟରେ ୪.୭୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜୁ ପଟ୍ଟନାୟକ ସନ୍ତରଣାଗାର, ୫,୩୪,୦୬୦୦୦ କୋଟି ଟଙ୍କା ବ୍ୟୟରେ ଜିଲା ସଦର ମହକୁମାରେ ନିର୍ମିତ ଟାଉନ ହଲ, ପର୍ଯ୍ୟଟନ ବିଭାଗ ପକ୍ଷରୁ ନିର୍ମିତ ୨ଟି ପଥପ୍ରାନ୍ତ ସୁବିଧା କେନ୍ଦ୍ର, ୫ଟି ସେତୁ, ମିଶନ ଶକ୍ତିର ୨୮ଟି କୋଠା, ସହରାଞ୍ଚଳ ବିକାଶର ୩ଟି ପ୍ରକଳ୍ପ ଓ ୮ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ରହିଛି । ସୋନପୁର ନୂତନ ଟାଉନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟବାସୀଙ୍କ ପାଇଁ ବରଦାନ ସଦୃଶ। ବାଣିଜ୍ୟ, ପରିବହନ ଓ ଯୋଜନା ରୂପାୟନ ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରା କହିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ପାଇଁ ରାଜ୍ୟ ବିକାଶ ପଥରେ ଆଗେଇ ଚାଲିଛି । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଧନ୍ୟବାଦ ପ୍ରଦାନ କରିଥିଲେ। ସୁଲତା ଦେଓ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ୫-ଟି ସଚିବ ଭି.କେ.ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ସହିତ ଭୁବନେଶ୍ୱରରୁ ଭିଡିଓ କନଫେରେନ୍ସିଂରେ ଯୋଗ ଦେଇଥିଲେ। ଜିଲାପାଳ ଅବୋଲି ସୁନିଲ ନରୱଣେ, ଏସ୍‌ପି ସୀତାରାମ ଶତପଥୀ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ପିଡି ଡିଆରଡିଏ ଡୋଲାମଣି ପଟେଲ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ବୃନ୍ଦ ଶତାଧିକ ହିତାଧିକରୀଙ୍କୁ କାର୍ଡ ବଣ୍ଟନ କରିଥିଲେ।



ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ହିତାଧିକାରୀଙ୍କୁ ହେଲ୍‌ଥ କାର୍ଡ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ମାର୍କେଟ ଫିରେ ମଣ୍ଡିର ଉନ୍ନତି କର

ପଦ୍ମପୁର,୨୫।୧୧(ଡି.ଏନ.ଏ): ସରକାର ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ମାର୍କେଟ ଫିକୁ ସମ୍ପୃକ୍ତ ପ୍ୟାକ୍ସକୁ ପ୍ରଦାନ କରୁଛନ୍ତି। ଚାଷୀମାନଙ୍କ ପ୍ରଦତ୍ତ ଫି ଅନ୍ୟତ୍ର ଖର୍ଚ୍ଚ ହେଉଥବବା ଅଭିଯୋଗ କରିଛି ରାଜବୋଡାସମ୍ବର କୃଷକ ସଙ୍ଗଠନ। ତେଣୁ ମାର୍କେଟ ଫିଜକୁ ସମ୍ପୃ ମଣ୍ଡିର ଉନ୍ନତୀକରଣରେ ବ୍ୟୟ କରାଯାଉ ବୋଲି ସଙ୍ଗଠନର ସଭାପତି ବାଞ୍ଛାନିଧି ନାୟକ, ଆବାହକ ଅଶୋକ ସାହୁ ନିୟନ୍ତ୍ରିତ ବଜାର କମିଟ ସମ୍ପାଦକଙ୍କ ନିକଟରେ ଲିଖିତ ଦାବି କରିଛନ୍ତି।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପଦ୍ମପୁର,୨୫।୧୧(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଗୁରୁବାର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅଧକ୍ଷ ଡ. ଲଳିତେନ୍ଦୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଭାଗୀୟ ମୁଖ୍ୟ ସୁଷମା ପଟ୍ଟନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡ. ଦୁଃଖିଶ୍ୟାମ ସାହୁ, ଡ. ସରୋଜ ନାଏକ, ଅଧାପିକା ରୀନା ଧର୍ମବିନାୟକ ଛାତ୍ର ଜୀବନରେ ସଂଘର୍ଷ କରି ବିଦ୍ୟା ଅଧୟନ କରି ଉତ୍ତମ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ତୃତୀୟ ବର୍ଷ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ଉତ୍ସବ ଆୟୋଜନ କରାଯାଇଥିଲା। ସିଦ୍ଧାନ୍ତ ବେହେରା ଧନ୍ୟବାଦ ଅର୍ପଣ ଦେଇଥିଲେ।

### ଭୂମିହୀନକୁ ବାସଗୃହ ଦାବି

ପଦ୍ମପୁର,୨୫।୧୧(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ରଜାପଡା ୱାର୍ଡ ନଂ.-୯ର ଅଧିବାସୀ କୃଷ୍ଣ ବରିହା। ସେ ଭୂମିହୀନ। ଅନ୍ୟର ମୂଲ ଲାଗି ପରିବାର ପରିପୋଷଣ କରନ୍ତି। ପରିବାର କହିଲେ ତାଙ୍କ ସ୍ତ୍ରୀ ଓ ଦୁଇ ଶିଶୁ। ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ବାସଗୃହ ନ ଥିବାରୁ ବହୁତ କଷ୍ଟରେ ସେମାନେ ଜୀବନ ବିତାଉଛନ୍ତି। ଅନ୍ୟ ଲୋକଙ୍କ ବାରଣ୍ଡାରେ ରହୁଛନ୍ତି। ସରକାର କୃଷ୍ଣଙ୍କୁ ଜମି ଓ ଘର ଯୋଗାଇ ଦେବା ଆଶାରେ କୃଷ୍ଣ ସପରିବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

### ଗୁପ୍ତେଶ୍ୱର ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ

ବାଉଁଶୁଣୀ, ୨୫।୧୧(ଡି.ଏନ.ଏ.): ବୌଦ୍ଧ ବ୍ଲକ ମୁଣ୍ଡାପଡା କମିରା ସାଲୁଙ୍କି ନଦୀର ସିଂହାସିନୀ ଘାଟ ନିକଟରେ ଗୁପ୍ତେଶ୍ୱର ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କରାଯାଇଛି। ବିଧାୟକ ପ୍ରଦୀପ କୁମାର ଅମାତ ଭୂମି ପୂଜନ କରିଥିଲେ। ସକାଳୁ ସିଂହାସିନୀ ଘାଟରୁ ମହିଳାମାନେ ୧୦୮ ପୂର୍ଣ୍ଣଜଳ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ସଚ୍ଚିଦାନନ୍ଦ ମହାକୁଳ ଓ ସବିତା ମହାକୁଳ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହାପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅମାତ, ସମ୍ମାନିତ ଅତିଥି ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ପୂର୍ବତନ ଏନଏସି ଉପାଧକ୍ଷ ବସନ୍ତ ସ୍ୱାଇଁ, ମନ୍ଦିର କମିଟି ସଭାପତି ଧର୍ମେନ୍ଦ୍ର ହୋତା, ଅସରପ୍ରାପ୍ତ ଶିକ୍ଷକ ନବୀନ ପ୍ରଧାନ, ଦୁର୍ଯ୍ୟୋଧନ ଖଟୁଆ ଉପସ୍ଥିତ ଥିଲେ। ଏହା ପରେ ସୁନ୍ଦରାକାଣ୍ଡ ଅନୁଷ୍ଠିତ ହୋଇଥିଲା। ବ୍ୟାସଭାବେ ରଘୁନନ୍ଦନ ଦାସ ରାମାୟଣ ପାଠ କରିଥିଲେ।

### ମୃତ ସାମ୍ବାଦିକଙ୍କ ପରିବାରକୁ ମିଳିଲା ସହାୟତା

ବାଉଁଶୁଣୀ,୨୫।୧୧(ଡି.ଏନ.ଏ.): କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ଯୁବ ସାମ୍ବାଦିକ ଦୁର୍ବାକ୍ଷ ବସ୍ତିଆଙ୍କ ପରିବାରକୁ ବୌଦ୍ଧ ଜିଲାର ଦୁଇଜଣ ମହିଳା ଅଧିକାରୀ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସ୍ୱର୍ଗତ ବସ୍ତିଆ କରୋନା ସଂକ୍ରମିତ ହେବା ପରେ ଗତ ମେ ୧୦ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର କରୋନା ପରୀକ୍ଷା ହୋଇ ନଥିବାରୁ ସରକାରଙ୍କ ପକ୍ଷରୁ କୋଭିଡ ଯୋଦ୍ଧା ଭାବରେ ଘୋଷିତ ସହାୟତା ରାଶି ତାଙ୍କ ପରିବାରକୁ ମିଳିପାରିନାହିଁ। ତେବେ ଗତ ଜାତୀୟ ପ୍ରେସ ଦିବସ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱର୍ଗତ ବସ୍ତିଆଙ୍କୁ ମରଣୋତ୍ତର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁବାର ବୌଦ୍ଧ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ଓ ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ତପସ୍ୱିନୀ କହଁର ବସ୍ତିଆଙ୍କ ପରିବାରକୁ ଭେଟିବାକୁ ତାଙ୍କ କନ୍ଧମାଳ ବ୍ଲକ ଶୁଣ୍ଡିପଦରସ୍ଥିତ ଘରେ ପହଞ୍ଚିଥିଲେ। ଥାନା ଅଧିକାରୀ କହଁର ନିଜସ୍ୱ ଜମାରୁ ଦୁର୍ବାକ୍ଷଙ୍କ ଶୋକସନ୍ତପ୍ତ ପରିବାରକୁ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ ।

# 'ମମିତା ହତ୍ୟାକାଣ୍ଡ, ଚାଷୀ ସମସ୍ୟା ଉଠିବ'

## ବିଧାନସଭା ପୂର୍ବରୁ ଜନମତ ଓ ବିଧାୟକ କାର୍ଯ୍ୟକ୍ରମ

ବଲାଙ୍ଗୀର ଅଫିସ, ୨୫।୧୧

ଆଗାମୀ ବିଧାନସଭା ଅଧିବେଶନ ପାଇଁ ଜନମତ ଲୋଡିଛନ୍ତି ବିଧାୟକ ନରସିଂହ ମିଶ୍ର। ସ୍ଥାନୀୟ ଏକ ହୋଟେଲରେ ବଲାଙ୍ଗୀରର ବୁଦ୍ଧିଜୀବୀ, ସଙ୍ଗଠକ, ବିଭିନ୍ନ ଅନୁଷ୍ଠାନ ପ୍ରତିନିଧି ଓ ଶିକ୍ଷକ, ଅଧ୍ୟାପକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ମିଶ୍ର ସୂଚନା ଦେବାକୁ ଯାଇ କହିଥିଲେ ଯେ, ଆଗାମୀ ବିଧାନସଭା ବଲାଙ୍ଗୀର ଜିଲାର ଝିଅ ମମିତା ମେହେର ହତ୍ୟାକାଣ୍ଡ ଓ ଚାଷୀ ସମସ୍ୟାକୁ ନେଇ କମ୍ପିବ। ସରକାର ଆଲୋଚନା କରିବେ ନା ବାହାନା କରିବେ ଦେଖିବାକୁ ବାକି ରହିଛି। ଜଣେ ଯୁବତୀ ବିଧାୟକ ମିଶ୍ରଙ୍କୁ କହିଥିଲେ ଯେ, ମମିତାଙ୍କୁ ନ୍ୟାୟ ମିଳୁ। ବିଧାୟକ ମିଶ୍ର କହିଥିଲେ ତ୍ୱରିତ ନ୍ୟାୟ ନାଁରେ ଅପରାଧୀଙ୍କୁ ଖସାଇବା ବାଟ ନ ହେଉ। ମମିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ସେ ଏଇ ବୟସରେ ମଧ୍ୟ କଳାକୋର୍ଟ ପିନ୍ଧିବାକୁ ପ୍ରସ୍ତୁତ ବୋଲି କହିଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ପଥରଚେପା ଓଡିଶା ଆଦର୍ଶ ବିଦ୍ୟାଳୟ ସର୍ବଭାରତୀୟସ୍ତରରେ ଦ୍ୱିତୀୟ ଥର ଶ୍ରେଷ୍ଠ ଦଶମ ସ୍ଥାନରେ ରହି ବଲାଙ୍ଗୀର ପାଇଁ ଗୌରବ ଆଣିଥିବାରୁ ବିଦ୍ୟାଳୟ ଅଧକ୍ଷ କ୍ଷମାନିଧି ଝାଙ୍କର ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବିଧାୟକ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ । ଏହାପରେ ବିଧାୟକ ମିଶ୍ର ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଯଥା ଲୋୟର ସୁକତେଲ, ଗନ୍ଧ୍ରେଲ ଡ୍ୟାମ, ବାଇପାସ ରାସ୍ତା, ୬୫୦ ଶଯ୍ୟା ବିଶିଷ୍ଟ ନୂଆ ମେଡିକାଲ କଲେଜ ହସ୍ପିଟାଲ ନିର୍ମାଣ କାର୍ଯ୍ୟ, ସୁପର ସ୍ପେସିଆଲିଟି ଡାକ୍ତରଖାନା, ପାନୀୟ ଜଳ, ବିଦ୍ୟୁତ୍, ଟ୍ରାଫିକ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା ହୋଇଥିଲା। ମମିତା ହତ୍ୟା ଘଟଣାର ପୁନଃ ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରିବା ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ ଓ ସେ ନିଶ୍ଚୟ କଳା କୋର୍ଟ ପିନ୍ଧିବେ ବୋଲି ବିଧାୟକ ମିଶ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀରର ଅନେକ ବୁଦ୍ଧିଜୀବୀ, ଛାତ୍ରସମାଜ, ସାମାଜିକ ଓ ଜାତି ସଂଗଠନମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଧର୍ମେନ୍ଦ୍ର ନନ୍ଦ ସଂଯୋଜନା କରିଥିଲେ ।



ବିଧାୟକ ଓ ଜନମତ କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ନରସିଂହ ମିଶ୍ର ଓ ବଲାଙ୍ଗୀର ସହରର ବୁଦ୍ଧିଜୀବୀ।

# ସ୍ମାର୍ଟକାର୍ଡ ଯୋଜନାରେ ଯୋଡିହେଲା ବୌଦ୍ଧ

ବୌଦ୍ଧ,୨୫।୧୧(ସ୍ୱ.ପ୍ର.)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟକାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଯୋଡି ହୋଇଛି ବୌଦ୍ଧ ଜିଲା। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡଓ କନଫରେନ୍ସିଂରେ ଜିଲା ଷ୍ଟାଡିୟମରେ ସ୍ମାର୍ଟକାର୍ଡ ବଣ୍ଟନ କରିଛନ୍ତି। ଏଥିସହିତ ୨୦ କୋଟି ଟଙ୍କାର ୨୨ଟି ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ୪୬୩ କୋଟି ଟଙ୍କାର ୫୭ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟଅତିଥି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସମ୍ମାନିତ ଅତିଥି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, କନ୍ଧମାଳ ଏମ୍‌ପି ଅଚ୍ୟୁତ୍ ସାମନ୍ତ, କଣ୍ଟାମାଳ ବିଧାୟକ ମହିଧର ରଣା, ବୌଦ୍ଧ ବିଧାୟକ ପ୍ରଦୀପ ଅମାତ ଯୋଗ ଦେଇଥିଲେ । ଏମ୍‌ପି ସାମନ୍ତ ରାଜ୍ୟରେ ସ୍ମାର୍ଟ କାର୍ଡ ବଣ୍ଟନ ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଇ ବୌଦ୍ଧ ଜିଲା ପାଇଁ ୫ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଆରମ୍ଭ କରାଗଲା ବୋଲି କହିଥିଲେ। ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ବୌଦ୍ଧ ଜିଲା ଅନେକ ଭଲ କାର୍ଯ୍ୟ କରିଛି। ଆଗାମୀ ଦିନରେ ଚାଷୀଙ୍କ ପାଇଁ ୨୦ ହଜାର ଲିଟରର ଦୁଗ୍ଧପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ ହେଲଥ କାର୍ଡ ଯୋଜନାରେ ବୌଦ୍ଧ ଜିଲାର ୩ ଲକ୍ଷ ୭୨ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଚିକିତ୍ସା ସେବା ପାଇ ପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଅତିରିକ୍ତ ଜିଲାପାଳ ବବିତା ରଣୀ ଦଳବେହେରା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ ମେହେର, ତହସିଲଦାର ଅବିନାଶ ପାଣ୍ଡିଆ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂ ଉପସ୍ଥିତ ଥିଲେ ।



ବୌଦ୍ଧରେ ସ୍ମାର୍ଟ କାର୍ଡ ବଣ୍ଟନ ସମୟରେ ଯୋଗ ଦେଇଥିବା ଅତିଥି।

# ସିଏନ୍‌ଆଇ ଚର୍ଚ୍ଚରେ ଖ୍ରୀଷ୍ଟ ଜୟନ୍ତୀ ସମାରୋହ

ବରଗଡ଼ ଅଫିସ୍,୨୫।୧୧

ବରଗଡ଼ ସହର ଗାନ୍ଧୀନଗର ସ୍ଥିତ ସିଏନ୍‌ଆଇ ଚର୍ଚ୍ଚ ପରିସରରେ ବୁଧବାର ସନ୍ଧ୍ୟାରେ ଖ୍ରୀଷ୍ଟ ଜୟନ୍ତୀ ସ୍ୱାଗତ ସଙ୍ଗୀତ ସମାରୋହ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଚର୍ଚ୍ଚ ସମ୍ପାଦକ ଚନ୍ଦ୍ରଶେଖର ବାଗ ଧାର୍ମିକ ସଙ୍ଗୀତ ସମାରୋହକୁ ପରିଚାଳନା ସହିତ ପ୍ରଭୁଙ୍କ ସ୍ୱାଗତ ସମରୋହ ଉପରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟ ଧୀରେନ ନନ୍ଦ, ଅମୂଲ୍ୟ ସୁନା ଉପସ୍ଥିତ ଥିଲେ। ଦାନୀଏଲ ଦୀପ, ବିଶାଲ ବାଗ, ଶ୍ୟାମକୁମାର ଦୀପ, ଲିବାନ ବାରିକ, କୁମୁଦିନୀ ବାଗ, ଜ୍ୟୋସ୍ନା ଦୀପ, ଅପର୍ଣ୍ଣା କୁମ୍ଭାର, ସୁବାଷିନୀ ନନ୍ଦ, ଝରଣା ବାଗ, ମୌସୁମୀ ଦୀପ, ସନ୍ତୋଷିନୀ ଦୀପ ପ୍ରମୁଖ ଖ୍ରୀଷ୍ଟୀୟ ଶ୍ରଦ୍ଧାଳୁବୃନ୍ଦ ସହଯୋଗ କରିଥିଲେ। ଏହି ଅବସରରେ ବିଶାଲ ବାଗଙ୍କ ପରିଚାଳନାରେ ସଂକୀର୍ତ୍ତନ, ନୃତ୍ୟ, ବାଇବେଲ ପଠନ, ସାମୂହିକ ସଙ୍ଗୀତ ଆଦି କାର୍ଯ୍ୟକ୍ରମ ହୋଇଥିଲା । ଶେଷ ପ୍ରାର୍ଥନା ପରେ ଆଚାର୍ଯ୍ୟ ଧୀରେନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ସିଏନ୍‌ଆଇ ଚର୍ଚ୍ଚରେ ଖ୍ରୀଷ୍ଟ ଜୟନ୍ତୀ ସମାରୋହରେ ଶ୍ରଦ୍ଧାଳୁବୃନ୍ଦ।

# ଏମ୍‌ପି ଲ୍ୟାଡ୍ ଅଗ୍ରଗତିର ସମୀକ୍ଷା

## ତଥ୍ୟ ଯୋଗାଇ ନ ପାରିବାରୁ ଅସନ୍ତୋଷ ପ୍ରକାଶ କଲେ ସଙ୍ଗୀତା

ଦେଓଗାଁ,୨୫।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ବିଭିନ୍ନ ଉନ୍ନୟନ କାର୍ଯ୍ୟ, ବିଶେଷ କରି ଏମ୍‌ପି ପାଣ୍ଠି ଅଗ୍ରଗତିର ସମୀକ୍ଷା କରିଥିଲେ । ୨୦୧୮-୧୯ ଓ ୧୯-୨୦ ଆର୍ଥିକ ବର୍ଷର ବିଜୁ କେବିକେ ଯୋଜନା ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପୀ ସମୀକ୍ଷା କରାଯାଇଥିଲେ । ଏଥିସହ ଏଫଡିଆର (ବନ୍ୟା କ୍ଷୟକ୍ଷତି ମରାମତି)ପାଣ୍ଠିରୁ ଏମ୍‌ପିଙ୍କ ଭାଗରେ ଥିବା ୫୪ଲକ୍ଷ ଟଙ୍କାରୁ ୩୪ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୨୦ଲକ୍ଷ ଟଙ୍କା କୁଆଡେ ଗଲା ବୋଲି ବ୍ଲକ ପ୍ରଶାସନକୁ ଏମ୍‌ପି ପ୍ରଶ୍ନ କରିଥିଲେ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରେ ହେବାକୁ ଥିବା ୯ଟି ପ୍ରକଳ୍ପ କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନଥିବାରୁ ଏମ୍‌ପି ବିରକ୍ତି ପ୍ରକାଶ କରିଥିଲେ। ଏମପିଙ୍କ ଭାଗରେ ରହିଥିବା ୩ଟି ସାମୂହିକ ଖଳା ନିର୍ମାଣ ମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣ ହୋଇଛି। ବ୍ରାହ୍ମଣୀଯୋର ଓ ସିଆଲଯୋର ଠାରେ ହେବାକୁ ଥିବା ୨ଟି ଖଳା ନିର୍ମାଣ କାମ ତୁରନ୍ତ ସାରିବାକୁ ଏହି ଅବସରରେ ଏମ୍‌ପି ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଅଧିକାରୀମାନେ ଗ୍ରାମ୍ୟ ଜଳଯୋଗାଣ ବିଭାଗ, ଆଇଏପି (ଇଣ୍ଟିଗ୍ରେଟେଡ ଆକ୍ସନ ପ୍ଲାନ) ଓ ମେଗା ଉଠା ଜଳସେଚନ ବିଷୟରେ କୌଣସି ତଥ୍ୟ ଉପସ୍ଥାପନ କରି ନ ପାରିବାରୁ ଏମ୍‌ପି ସିଂଦେଓ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସମ୍ପୂର୍ଣ୍ଣ ତଥ୍ୟ ସହ ଅନ୍ୟ ଏକ ଦିନରେ ସମୀକ୍ଷା ବୈଠକ କରିବା ପାଇଁ ପରାମର୍ଶ ଦେଇଥିଲେ । ସମୀକ୍ଷା ବୈଠକରେ ବିଡିଓ ମୁରଲୀଧର ନାଏକ, ବ୍ଲକ ଅଧକ୍ଷା ରୀନା ମେହେର, ସହକାରୀ ଯନ୍ତ୍ରୀ ମୋହନ ମହାଲିକ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା, ଜିଲା ଯୁବମୋର୍ଚ୍ଚା ଉପସଭାପତି ଭୋଳାନାଥ ସାହୁ, ମଣ୍ଡଳ ସଭାପତି ବାସୁଦେବ ସିଂ ନିନା ପ୍ରମୁଖ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକ ପରିପେକ୍ଷୀରେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ ଏମପିଙ୍କୁ ସାକ୍ଷାତ କରି ଦେଓଗାଁ ରେଳଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ଇସ୍ପାତ ଓ ଇଣ୍ଟରସିଟି ରହଣି ଦିଗରେ ପଦକ୍ଷେପ ନେବାକୁ କହିଥିଲେ।



ସମୀକ୍ଷା ବୈଠକରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ।

# ଖେତରେ ଗଜାହେଲା ଧାନ

ବିନ୍ଧିକା,୨୫।୧୧(ଡି.ଏନ୍.ଏ.)

ଅଦିନିଆ ବର୍ଷା ସୁବର୍ଣ୍ଣପୁର ଜିଲା ବିନ୍ଧିକା ଅଞ୍ଚଳର ଚାଷୀଙ୍କ ପାଇଁ ଘାତକ ସାବ୍ୟସ୍ଥ ହୋଇଛି। ତିନିଦିନ ହୋଇଥିବା ବର୍ଷା ଯୋଗୁ ଖେତରେ କଟା ହୋଇ ପଡିଥିବା ଧାନ ଭିଜି ଗଜା ହୋଇଛି। ବର୍ଷା ସହ ଝଡତୋଫାନ ହେବାରେ ଧାନଗଛ ଶୋଇ ପାଣିରେ ପଡିଥିଲା। ଏବେ ତାହା ଗଜା ହେବା ଆରମ୍ଭ କରିଛି। ଏହିପରି ସ୍ଥିତି ଚାଷୀଙ୍କୁ ଅମଳ ନେଇ ଆଶଙ୍କିତ କରିଛି। ଅପରପକ୍ଷରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ନେଇ ଚାଷୀମାନେ ସ୍ଥାନୀୟ କୃଷି ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଏ ଯାଏ ଖେତ୍ର ପରିଦର୍ଶନ କରି ନାହାନ୍ତି। ଅବିଳମ୍ବେ କୃଷି ଓ ରାଜସ୍ୱ ବିଭାଗ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସହାୟତା ପ୍ରଦାନର ବ୍ୟବସ୍ଥା ନକଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ରସିକ ସାହୁ, ବସନ୍ତ ବଡପଣ୍ଡା, ସନ୍ତୋଷ ପାତ୍ର, ମଣ୍ଟୁ ପାତ୍ର, ଆନନ୍ଦ କଣ୍ଟା ପ୍ରମୁଖ ଚାଷୀ ଦାବି କରିଛନ୍ତି।



ବାବୁପାଲିର ଏକ ଖେତରେ ବର୍ଷାରେ ଭିଜି ଗଜା ହୋଇଥିବା କଟାଧାନ।

# ନିର୍ବାଚନ କମିଶନ, ରାଜ୍ୟ ସରକାରଙ୍କୁ ନୋଟିସ

## ରାଉରକେଲା ପୌର ନିର୍ବାଚନ ମାମଲା

କଟକ ଅଫିସ,୨୫।୧୧

ରାଉରକେଲା ମହାନଗର ନିଗମର ନିର୍ବାଚନ କରାଇବାକୁ ଆଗତ ମାମଲାର ଗୁରୁବାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ନିର୍ବାଚନ କମିଶନ ଓ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ରାଉରକେଲାରେ କାହିଁକି ନିର୍ବାଚନ ନ ହେବ, ସେନେଇ ହାଇକୋର୍ଟ ନିର୍ବାଚନ କମିଶନଙ୍କୁ ଜବାବ ତଲବ କରିଛନ୍ତି। ଡିସେମ୍ବର ୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀ ପୂର୍ବତନ ନଗରପାଳ ନିହାର ରାୟ ପିଟିଶନରେ ଦର୍ଶାଇଥିଲେ, ୨୦୦୮ରେ ଶେଷଥର ପାଇଁ ପୌର ନିର୍ବାଚନ ହୋଇଥିଲା, ଯାହାର କାର୍ଯ୍ୟକାଳ ୨୦୧୩ରେ ଶେଷ ହୋଇଥିଲା। ଏହାପରେ ନିର୍ବାଚନ ହୋଇନାହିଁ। ଅନ୍ୟପଟେ ୨୦୧୪ରେ ରାଉରକେଲା ମ୍ୟୁନିସିପାଲିଟିକୁ ମହାନଗର ନିଗମ ଭାବେ ଘୋଷଣା କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ୨ଟି ମାମଲା ରୁଜୁ ହୋଇଥିଲା। ଫଳରେ ହାଇକୋର୍ଟ ରହିତାଦେଶ ଜାରି କରିଥିଲେ। ସେବେଠାରୁ ରାଉରକେଲାରେ ପୌର ନିର୍ବାଚନ ହୋଇ ନ ଥିଲା। ଦୀର୍ଘଦିନ ଧରି ନିର୍ବାଚନ ନ ହେବା ଦ୍ୱାରା ଭାରତୀୟ ସମ୍ବିଧାନର ନିୟମକୁ ବିରୁଦ୍ଧାଚରଣ କରୁଛି। ତେଣୁ ରାଜ୍ୟ ନିର୍ବାଚନ କମିଶନ ପଦକ୍ଷେପ ନେବାକୁ ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ।

# ଆର୍ଥିକ ବିକାଶ ଉପରେ ଗୁରୁତ୍ୱ

ମୁରିବାହାଲ, ୨୫।୧୧ (ଡ.ଏନ.ଏ.)

ବଲାଙ୍ଗୀର ଜିଲାସ୍ତରୀୟ ବିଏସ ଜ୍ୟୋତି ଚାରିଟେବୁଲ ଟ୍ରଷ୍ଟ ଓ ନିୟୁ ଇଣ୍ଡିଆ ଗ୍ରୁପର ଏକଦିବସୀୟ କର୍ମଶାଳା ମୁରିବାହାଲରେ ଅନୁଷ୍ଠିତ ହୋଇଯାଇଛି। ଚାରିଟେବୁଲ ଟ୍ରଷ୍ଟ ଅଧକ୍ଷ ବେଣୁଧର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାକୁ ନିୟୁ ଇଣ୍ଡିଆ ଗ୍ରୁପ ଅଧକ୍ଷ ଅର୍ଜୁନ ଯାଦବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବଲାଙ୍ଗୀର ଜିଲାର ବେକାର ଶିକ୍ଷିତ ଯୁବତୀଯୁବକଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରି ଆର୍ଥିକ ବିକାଶ କରିବା ଉପରେ ସେ ମତ ରଖିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ଭାଜପା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ମୁରିବାହାଲ ବ୍ଲକ ଉପାଧକ୍ଷ ସୁନ୍ଦରମତି ବାଗ, ସମିତି ସଭ୍ୟ ସୁବାସ ଚନ୍ଦ୍ର ବୁଡେକ ପ୍ରମୁଖ ଯୋଗଦେଇଥିଲେ। ବଲାଙ୍ଗୀର ଜିଲାରେ ଉଭୟ ଟ୍ରଷ୍ଟ କିପରି ଜନହିତକର କାର୍ଯ୍ୟ କରିବେ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସ୍ୱାବଲମ୍ବୀ ହେବେ ତାହା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳରେ ଧୂପକାଟି, ଆଚାର, ପାମ୍ପଡ଼, ସିଲେଇ ମେଶିନ ପକାଇ ସ୍ୱାବଲମ୍ୱତା ସୃଷ୍ଟି କରାଯାଇ ପାରିବ ତାହା ଉପରେ ରାହୁଲ ଯାଦବ, ଅନୀଲ ଅନ୍ଦନ କୁମ୍ଭର, ଶ୍ରଦ୍ଧାକର ଭୋଇ, କୋକିଳ ନାଗ ତାଲିମ ପ୍ରଦାନ କରିଥିଲେ। ଏହାସାଙ୍ଗକୁ ଶିଶୁ ସୁରକ୍ଷା, କୃଷକର ବିକାଶ କେଉଁ ଆଧାରରେ କରା ଯାଇପରିବ ସେ ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଘନଶ୍ୟାମ ପୁଟେଲ, ପ୍ରତାପ ହେଣ୍ଡ୍ରୀ, ଗୁଣନିଧି ରାଜପଲିଆ, ଲିଙ୍ଗରାଜ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ଫୁଲଝର କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଲାଠୋର, ୨୫।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଫୁଲଝରଠାରେ ଗୁରବାର ଜୟ ଜଗନ୍ନାଥ ରାଜୀବ କ୍ଲବ ଆନୁକୂଲ୍ୟରେ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ସମ୍ମାନିତ ଅତିଥି ଶଙ୍କରଲାଲ ଅଗ୍ରୱାଲ, ଜଗନ୍ନାଥ ଅଗ୍ରୱାଲ, ଦଶରଥ ପାଣିଗ୍ରାହୀ ଯୋଗ ଦେଇଥିଲେ। ପ୍ରଥମ ଦିନ ସାନଗୁର୍ଜିଭଟା ବନାମ ଠୁଡିବାହାଲ ଓ ଲାଠୋର ସାଗରପଡା ବନାମ କୁମାରଖେଏନ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଲାଠୋର ଏବଂ ଠୁଡିବାହାଲ ପ୍ରତିଦ୍ୱନ୍ଦ୍ୱ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲେ। ୧୦ ଦିନ ଧରି ଚାଲିବାକୁଥିବା ଟୁର୍ନାମେଣ୍ଟରେ ୩୨ ଗୋଟି ଦଳ ଭାଗ ନେଇଛନ୍ତି। ଖେଳ ପରିଚାଳନା ବସନ୍ତ ଶବର ଓ ପ୍ରଶାନ୍ତ ମିଶ୍ର, ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ ଶୋଭାକର ପୁଟା।

## କୁକୁଡା, ଛେଳି ଚାଷ ପ୍ରଶିକ୍ଷଣ ଶିବିର

କଣ୍ଟାବାଞ୍ଜି,(ଡି.ଏନ.ଏ.): କୁକୁଡା ଓ ଛେଳି ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଗୁରୁବାର ତୁରେକେଲା ବ୍ଲକ ଧାମନଡଙ୍ଗା ପଞ୍ଚାୟତର କନ୍ଦବାହାଲ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । କୁକୁଡା ଓ ଛେଳିଙ୍କୁ ନିୟମିତ ଟୀକାକରଣ କରି କିପରି ଉନ୍ନତ କରାଯାଇ ପାରିବ ତାହା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିର ଟିଟିଲାଗଡ ଉଦ୍ୟାନ କୃଷି ବିଭାଗ ଓ ବଲାଙ୍ଗୀର ଗ୍ରାମ୍ୟ ଉଦ୍ୟୋଗ ସମିତି କଣ୍ଟାବାଞ୍ଜିର ମିଳିତ ସହଯୋଗରେ କରାଯାଇଛି । ଶିବିରକୁ ଟିଟିଲାଗଡ ଅତିରିକ୍ତ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହିମାଂଶୁ ଶେଖର ସାହୁ, ବ୍ଲକ ପ୍ରାଣୀ ଚିକିତ୍ସକ ସିଦ୍ଧାର୍ଥ ସେଠ, ବଲାଙ୍ଗୀର ଗ୍ରାମ୍ୟ ଉଦ୍ୟୋଗ ସମିତିର ପ୍ରୋଗ୍ରାମ ମ୍ୟାନେଜର ଜୟନ୍ତ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଖରିଫ ଧାନ ସଂଗ୍ରହ ଆରମ୍ଭ

**ଭବାନୀପାଟଣା/କୋକସରା, ୨୫।୧୧(ସ୍ୱ.ପ୍ର./ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଚଳିତ ଖରିଫ ଧାନ କିଣା ଅନୁଷ୍ଠାନିକ ଭାବେ ଗୁରୁବାର ରଣମାଳ ମଣ୍ଡିରେ ଆରମ୍ଭ ହୋଇଛି। ହେଲେ ପ୍ରଥମ ଦିନରୁ ହିଁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ସୂଚନା ଅନୁସାରେ କଳାହାଣ୍ଡି ଜିଲାରେ ପ୍ରଥମ ଥର ପାଇଁ ଜୟପାଟଣା ବ୍ଲକ ରଣମାଳ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୪ ଜଣ ଚାଷୀଙ୍କ ୨୦୦ ଶହ କୁଇଣ୍ଟାଲ ଧାନ କିଣା ହୋଇଛି। ଅନେକ ଚାଷୀଙ୍କ ଟୋକାନ ବିଳମ୍ବ ତାରିଖରେ ଥିବା ଅଭିଯୋଗ ହୋଇଛି। କିଛି ଚାଷୀଙ୍କ ଧାନ ଅମଳ ଶେଷ ହୋଇଥିବା ବେଳେ


ରଣମାଳ ମଣ୍ଡିରେ ଧାନ କିଣା ଆରମ୍ଭ ବେଳେ ଉପସ୍ଥିତ ଅତିଥି।

ସେମାନଙ୍କ ଟୋକାନ ଜାନୁୟାରୀରେ ରହିଛି। ଅନ୍ୟପକ୍ଷରେ ଏହି ପ୍ୟାକ୍ସ ଅଧୀନରେ ୪ଟି ରଣମାଳ ସହ ବାଣ୍ଡିଗାଁ, ଭେଜିଗୁଡା ଓ ଅରେବେଡା ଉପମଣ୍ଡି ରହିଛି। କିନ୍ତୁ ଏଥର ଭେଜିଗୁଡା ଓ ଅରେବେଡା ଦୁଇଟି ଉପମଣ୍ଡିକୁ ଚଳିତ ଖରିଫ ଧାନ କିଣାରେ ବାଦ ଦେଇ ରଣମାଳ ଓ ବାଣ୍ଡିଗାଁ ମଣ୍ଡିରେ ଉକ୍ତ ଚାଷୀମାନଙ୍କୁ ଟେଗ କରିଥିବାରୁ ଅସନ୍ତୋଷ ଦେଖାଦେଇଛି। ରଣମାଳ ପ୍ୟାକ୍ସରେ ଚଳିତ ଖରିଫ ଧାନ ବିକ୍ରି କରିବା ପାଇଁ ୨୩୩୬ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଉପମଣ୍ଡି ଅରେବେଡାରେ ୩୨୨ଜଣ ଓ ଭେଜିଗୁଡାରେ ୪୧୧ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଧର୍ମଗଡ଼ ଉପ ଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଅଶୋକ ଦାଶ, ଅତିରିକ୍ତ ଯୋଗାଣ ଅଧିକାରୀ ଖଗେଶ୍ୱର ପଣ୍ଡା, ଏଆରସିଏସ ପ୍ରବୀର କୁମାର ଘୋଷଙ୍କ ସହ ପ୍ୟାକ୍ସ କର୍ମଚାରୀ, ଆରଏମସି କର୍ମଚାରୀ ଉପସ୍ଥିତ ରହିଥିଲେ।

## ସହର ବିକାଶ ପାଇଁ ୧୩ କୋଟି ମଞ୍ଜୁର



ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଉଛି।

**ଭବାନୀପାଟଣା,୨୫।୧୧(ସ୍ୱ.ପ୍ର.)**

ଖୁବ୍ ଶୀଘ୍ର ବଦଳିବାକୁ ଯାଉଛି ଭବାନୀପାଟଣା ସହରର ରୂପରେଖ। ଗୁରୁବାର ୫-ଟି ଶାସନ ଆଧାରରେ ଭବାନୀପାଟଣା ସହରର ବିକାଶ ପାଇଁ ପ୍ରସ୍ତାବିତ ପ୍ରକଳ୍ପକୁ 'ମୁକ୍ତା' ଯୋଜନାରେ ୧୩ କୋଟି ୩୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ଯୋଜନାରେ ସହରର ବିଭିନ୍ନ ଉନ୍ନୟନ କାର୍ଯ୍ୟଗୁଡିକ କରାଯିବ ବୋଲି ଜଣାପଡିଛି। ଗୁରୁବାର ସନ୍ଧ୍ୟାରେ ଜିଲା ବିଜେଡି ପକ୍ଷରୁ ଭବାନୀପାଟଣାରେ

### ମୁକ୍ତା ଯୋଜନା

ଏକ ଖବରଦାତା ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏଥିପାଇଁ କୃତଜ୍ଞତା ଜଣାଯାଇଛି। ଏହି ସମୟରେ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜିଲା ସଭାନେତ୍ରୀ ଲଳିତା ନାଏକ, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗୋଷ୍ଠୀ ବିନିଯୋଗ ପାଣ୍ଠି ବିତରଣ କାର୍ଯ୍ୟକ୍ରମ

**ଦେଓଗାଁ,୨୫।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ ଓ ବଡବାହାଲ ପଞ୍ଚାୟତ ମୁଖ୍ୟାଳୟରେ ଗୁରୁବାର ଓଡିଶା ଜୀବିକା ମିଶନ ଜରିଆରେ ଗୋଷ୍ଠୀ ବିନିଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ପ୍ରକଳ୍ପ ପରିଚାଳକ ପ୍ରଦୀପ କୁମାର ଛତ୍ରିଆଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ରୀନା ମେହେର, ସମ୍ମାନୀତ ଅତିଥି କୋଶଲୀ ଲୋକନୃତ୍ୟ ଏକାଡେମୀ ସମ୍ପାଦକ ଧରଣୀଧର ନାୟକ ଯୋଗଦେଇଥଇଲେ। ଦେଓଗାଁ ପଞ୍ଚାୟତରେ ମହାସଂଘର ୨୦ଟି ସ୍ୱୟଂ ସହାୟକ ଦଳକୁ ୫୦ହଜାର ଟଙ୍କା ଲେଖାଏ ୧୦ଲକ୍ଷ ଟଙ୍କା ଚେକ ମାଧମରେ ପ୍ରଦାନ କରାଯାଇଥିଲା । ବଡବାହାଲରେ ମଧ ୨୦ଟି ଦଳକୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମକୁ ମହାସଂଘ ସଭାନେତ୍ରୀ ପୂର୍ଣ୍ଣିମା ନନ୍ଦ, ସମ୍ପାଦିକା ଝରଣା ଜାଲ, ବ୍ଲକ ଜୀବିକା ସଂଯୋଜିକା କସ୍ତୁରୀ ତରାଇ, ସବ୍ୟାରାଣୀ ମହାଲିଙ୍ଗ ପ୍ରମୁଖ ସହଯୋଗ କରିଥିଲେ ।

### ମୋ ଭବିଷ୍ୟତ ମୋ ସ୍ୱପ୍ନ କର୍ମଶାଳା

**ଦେଓଗାଁ,୨୫।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଟଗାଁ କଲ୍ୟାଣ ମଣ୍ଡପରେ ୱାସିଡିଏ ପକ୍ଷରୁ ମୋ ଭବିଷ୍ୟତ ମୋ ସ୍ୱପ୍ନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସୁବ୍ରତା ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୁଇଁତଲା ବ୍ଲକ ଶିକ୍ଷାଧିକାରୀ ଲୋକନାଥ ସୁନା, ମହିମୁଣ୍ଡା ପିଏଚସିର ଡା. ବିଭୂତି ପ୍ରଧାନ, ଜିଲା ଶିଶୁ ମଙ୍ଗଳ ସମିତି ସଭ୍ୟା ସୁନିତା ତ୍ରିପାଠୀ, ୱାସିଡିଏ ପ୍ରୋଗ୍ରାମ ମ୍ୟାନେଜର ସୁରେଶ ପଧାନ ଯୋଗଦେଇ କୈଶୋର ସ୍ୱାସ୍ଥ୍ୟର ବିଭିନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗାଁ ମାନଙ୍କରେ ନଜରକୁ ଆସୁଥିବା ବାଲ୍ୟ ବିବାହ, ପୃଷ୍ଟିକର ଖାଦ୍ୟାଭାବ, ସାମାଜିକ ଗଣମାଧମର ଅପବ୍ୟବହାର, ଶିଶୁ ଶ୍ରମିକ ଆଦିକୁ ପ୍ରୋଜେକ୍ଟର ମାଧମରେ ଉପସ୍ଥାପନ କରାଯାଇଥିଲା। ଉପସ୍ଥିତ ବାଳିକାମାନଙ୍କ ଦ୍ୱାରା ନୃତ୍ୟଗୀତ କବିତା ପଠନ କାର୍ଯ୍ୟକ୍ରମ କରାଯାଇଥିଲା ।

### ଦ୍ୱାରଶନୀ ଡ୍ରାଇଭର ସଂଘ ନୂତନ କର୍ମକର୍ତ୍ତା

**ବୋଡେନ,୨୫।୧୧(ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ବ୍ଲକ ପାତାଳଗଙ୍ଗା ରାଧାକୃଷ୍ଣ ମନ୍ଦିର ସତସଙ୍ଗ ସଭାଗୃହଠାରେ ମା' ଦ୍ୱାରଶନୀ ଡ୍ରାଇଭର ସଂଘ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛ। ବୋଡେନ ବସଷ୍ଟାଣ୍ଡ ଛକଠାରୁ ଡ୍ରାଇଭର ସଂଘର ସମସ୍ତ କର୍ମକର୍ତ୍ତା ଏକ ରାଲିରେ ଆସି ପାତାଳଗଙ୍ଗା ସଭା ସ୍ଥଳରେ ପହଞ୍ଚିଥିଲେ। ଦ୍ୱାରଶନୀ ସଂଘ ନୂତନ ସଭାପତି ଭାବେ କଲକିରାମ ଜଗତଙ୍କୁ ମନୋନୀତ କରାଯାଇଥିଲା। ଉପସଭାପତି ଭାବେ ହେମରାଜ ମଲ୍ଲିକ, ସମ୍ପାଦକ ମନୋଜ କୁମାର ବାଗ, ସହସମ୍ପାଦକ ଶାନ୍ତନୁ ପଣ୍ଡା, କୋଷାଧକ୍ଷ ସତ୍ୟ ପାଣ୍ଡେ ଓ ଟୁଲୁ ପତିଙ୍କୁ ଚୟନ କରାଯାଇଥିଲା। ବୈଠକରେ ବୋଡେନ ବ୍ଲକର ଡ୍ରାଇଭର ଶତାଧିକ କର୍ମକର୍ତ୍ତା ଯୋଗଦାନ କରିଥିଲେ।

### ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ର ସଂଶୋଧନ ପ୍ରସ୍ତାବକୁ ବିରୋଧ

**ନୂଆପଡ଼ା ଅଫିସ,୨୫।୧୧:** କେନ୍ଦ୍ର ସରକାରଙ୍କ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ର ସଂଶୋଧନ ପ୍ରସ୍ତାବକୁ ବିରୋଧ କରି ଗୁରୁବାର ନୂଆପଡା ଜିଲା ଜମିନ ଜଙ୍ଗଲ ଅଧିକାର ସଙ୍ଗଠନ ପକ୍ଷରୁ କେନ୍ଦ୍ର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ଜମିନ ଜଙ୍ଗଲ ଅଧିକାର ସଙ୍ଗଠନ ପକ୍ଷରୁ ଏହି ସଂଶୋଧନ ପ୍ରସ୍ତାବକୁ ଦୃଢ ବିରୋଧ କରି ଏହାର ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି। ଜମିନ ଓ ଜଙ୍ଗଲ ଅଧିକାର ସଙ୍ଗଠନ ସଭାପତି ଥାନୁଆର ମାଝି, ସମ୍ପାଦକ ମିନାସିଂ ମାଝି, କୁନ୍ତିବାଇ ମାଝି, ସାନମତୀ ବରିହା, ଗଣେଶ ବରିହା, କୁମରମଣି ବରିହା, ନରେଶ ମାଝି, ଅଞ୍ଜଳୀ ମାଝି, ନାରାୟଣ ଶବର, ବାଳମତୀ ମାଝି ପ୍ରମୁଖ ଦାବି କରିଛନ୍ତି।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପଛୁଆବର୍ଗଙ୍କ ଦାବିପତ୍ର



ରାଷ୍ଟ୍ରୀୟ ପଛୁଆବର୍ଗର କର୍ମକର୍ତ୍ତାମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

**ସିନାପାଲି,୨୫।୧୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ରାଷ୍ଟ୍ରୀୟ ପଛୁଆବର୍ଗ ପକ୍ଷରୁ ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ସିନାପାଲି ରାଷ୍ଟ୍ରୀୟ ପଛୁଆବର୍ଗ ପକ୍ଷରୁ ଶତାଧିକ ଯୁବକ ସ୍ଥାନୀୟ ଗୋଡାଲ ଛକରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ନାରାବାଜି କରିବା ସହ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ର ସରକାର ଦ୍ୱାରା ଜାତି ଆଧାରିତ ଜନଗଣନା ତଥା ଓବିସିଙ୍କ ଗଣନା, ଘରୋଇ କ୍ଷେତ୍ରରେ ଅରକ୍ଷଣ ଲାଗୁ, ପୁରୁଣା ପେନସନ ସ୍କିମ ପ୍ରଦାନ, ନାରୀ ନିର୍ଯାତନା ବନ୍ଦ ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ ଏବଂ ଦୋଷୀଙ୍କୁ ଫାଶି ଦଣ୍ଡର ପ୍ରବଧାନ ଆଦି ପ୍ରମୁଖ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ଜିଲା ସଭାପତି ନିରଥ ନାଏକ, ସଂଯୋଜକ ପ୍ରମୋଦ ଦଣ୍ଡସେନା, ଦେବାନନ୍ଦ ନାଏକ, କୈଳାସ ମାଝି, ମନୋରଞ୍ଜନ ହାତୀ, ହେମନ୍ତ ନାଏକ, ନେପାଳ କଟା, ଲକ୍ଷ୍ମୀକାନ୍ତ ହଂସ ପ୍ରମୁଖଙ୍କ ସମେତ ବହୁ ଯୁବକ ସାମିଲ ଥିଲେ।

## ଆର୍‌ଏମ୍‌ସି ଅଫିସ ଆଗରେ ଧାରଣା

**ବରଗଡ଼ ଅଫିସ୍,୨୫।୧୧**

ଚାକିରିର ୧୩ବର୍ଷ ପରେ ମଧ୍ୟ ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ଅଧୀନରେ କାର୍ଯ୍ୟରତ ୩୬ଜଣ ଠିକା କର୍ମଚାରୀ ସ୍ଥାୟୀ ହୋଇ ପାରିନାହାନ୍ତି। ଉକ୍ତ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ ଗତ ୨୦୦୮ ମସିହାରୁ ଆରଏମ୍‌ସିକୁ ପ୍ରସ୍ତାବ ଦେଇ ସାରିଛି। ମାତ୍ର ପ୍ରଶାସନିକ ଉଦାସୀନତା ଯୋଗୁ ଏପର୍ଯ୍ୟନ୍ତ ସେମାନଙ୍କ ଚାକିରି ସ୍ଥାୟୀ ହୋଇ ପାରି ନ ଥିବା ଠିକା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବାରୁ ଗୁରୁବାରଠାରୁ ଠିକା କର୍ମଚାରୀମାନେ ବରଗଡ଼ ଆରଏମ୍‌ସି ଅଫିସ ଆଗରେ


ବରଗଡ଼ ଆରଏମସି ଅଫିସ ଆଗରେ ଠିକା କର୍ମଚାରୀଙ୍କ ଧାରଣା।

ଧାରଣାରେ ବସିଛନ୍ତି । ଆରଏମ୍‌ସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ ଧାରଣାସ୍ଥଳକୁ ପହଞ୍ଚି ଠିକା କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ । ମାତ୍ର ଆଲୋଚନା ଫଳପ୍ରଦ ହୋଇପାରି ନ ଥିବା ସୂଚନା ମିଳିଛି। ଚାକିରିକୁ ସ୍ଥାୟୀ ଏବଂ ବର୍ଦ୍ଧିତ ଦରମା ପ୍ରଦାନ ନେଇ ପ୍ରତିଶ୍ରୁତି ମିଳିବା ପର୍ଯ୍ୟନ୍ତ ସେମାନେ ଧାରଣା ଜାରି ରଖିବେ ବୋଲି ରବିରତ୍ନ ସାହୁ, ନିମେଇଁ କୁଅଁର, ପରେଶ ଖମାରୀ, ଚିତ୍ତରଞ୍ଜନ ପଟ୍ଟନାୟକ, ଧିରେନ୍ଦ୍ର ଦାଶ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ସାମାଜିକ ସମୀକ୍ଷା ବୈଠକ, ଗ୍ରାମସଭା

**ଲାଠୋର,୨୫।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ କାର୍ଯ୍ୟାଳୟରେ ଗୁରବାର ସରପଞ୍ଚ ପ୍ରବୀଣ ଅଗ୍ରୱାଲଙ୍କ ଅଧକ୍ଷତାରେ ସାମାଜିକ ସମିକ୍ଷା ବୈଠକ ଏବଂ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସମୀକ୍ଷକ ଶ୍ରବଣ କୁମାର ପାଢୀ ଏଥିରେ ଯୋଗ ଦେଇଥିଲେ।୨୦୨୧-୨୨ ଆର୍ଥିକ ବର୍ଷରେ ପଞ୍ଚାୟତରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହୋଇଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଉପସ୍ଥିତ ଶ୍ରମିକମାନେ ଠିକ୍ ସମୟରେ କାମର ପ୍ରାପ୍ୟ ପାଉ ନଥିବା ଅଭିଯୋଗ କରିଥିଲେ। ସେହିପରି ମମତ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ଲୋକ କିପର ଉପକୃତ ହେଉଛନ୍ତି ତାର ସମୀକ୍ଷା କରାଯାଇଥିଲା।

## ହରେକୃଷ୍ଣ ମହତାବ ହାଇସ୍କୁଲ ୫-ଟି କମିଟି ବୈଠକ

**ଲୋଇସିଂହା,୨୫।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲକୁ ୫ଟିରେ ସାମିଲ କରାଯାଇଛି । ସ୍କୁଲ ରୂପାନ୍ତରଣ ଯୋଜନା ସମ୍ବନ୍ଧୀୟ ଆଲୋଚନା ପାଇଁ ଏକ ବୈଠକ ସ୍କୁଲ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତଙ୍କୁ ନେଇ ଅନୁଷ୍ଠିତ ବୈଠକରେ ପ୍ରଧାନଶିକ୍ଷକ ଉଦ୍ଧବ ଚନ୍ଦ୍ର ପଟେଲ ଅଧ୍ୟକ୍ଷତା କରିଥିଲେ । ଏବିଡିଓ ବିଜୟ କୁମାର ହୋତା ବୈଠକରେ ଯୋଗଦେଇ ସ୍କୁଲ ରୂପାନ୍ତରଣ କାର୍ଯ୍ୟରେ ପୁରାତନ ଛାତ୍ର ଏବଂ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ । ଔପଚାରିକ ଭାବେ ବୈଠକ ଡାକିବା ଏବଂ ତରବରିଆ ଭାବେ କମିଟି ଗଠନ ପୂର୍ବରୁ ବୁଧବାର ଜିଲାପାଳଙ୍କ ଗସ୍ତ ଦିନ ସ୍କୁଲର ପୁରୁଣା କୋଠରିକୁ ଭାଙ୍ଗିବା ଘଟଣାକୁ ନେଇ ଉପସ୍ଥିତ ପୁରାତନ ଛାତ୍ର ଅସନ୍ତୋଷବ୍ୟକ୍ତ କରିଥିଲେ।

## ତହସିଲଦାରଙ୍କୁ ୮ ଦଫା ଦାବିପତ୍ର


ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଲୋଇସିଂହା,୨୫।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ସମେତ ୮ ଦଫା ଦାବି ନେଇ ଗୁରୁବାର ପଶ୍ଚିମ ଓଡିଶା ସେବା ସଂଘ ପକ୍ଷରୁ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଲୋଇସିଂହା ବ୍ଲକ ଏକ ଅଣଜଳସେଚିତ ବ୍ଲକ। ବର୍ଷାଭାବରୁ ଚଳିତ ବର୍ଷ ଏଠାକାର ଚାଷୀ ମରୁଡିର ସମ୍ମୁଖୀନ ହୋଇଛନ୍ତି। ଯାହା କିଛି ଫସଲ ବଞ୍ଚି ରହିଥିଲା ତାହା ଏବେ ଅଦିନିଆ ବର୍ଷାରେ ଧୋଇ ଯିବାକୁ ବସିଛି। ଅପରପକ୍ଷରେ ଚାଷୀଙ୍କୁ ସରକାରୀସ୍ତରରେ ଧାର୍ଯ୍ୟ ହୋଇଥିବା ଅନୁକମ୍ପାମୂଳକ ସହାୟତା ଉପହାସ ସଦୃଶ। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ଲୋଇସିଂହା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା ସହ, ଭୂମିହୀନଙ୍କୁ ୪ଡେସିମିଲ ଜାଗା ଏବଂ ଚାଷ ଉପଯୋଗୀ ଜମି ଯୋଗାଇବା, ୫ହଜାର ଟଙ୍କା କୃଷକ ଭତ୍ତା, କୃଷିଋଣ ପ୍ରଦାନ କରିବାକୁ ଦାବି କରାଯାଇଛି। ସଂଘ ସଭାପତି ରାଜେଶ ବର୍ଗର୍ତ୍ତୀ, କପିଳାସ କୁମ୍ଭାର, ରାତ୍ରରଣା, କୁମାରୀ ଭୋଇ, ଭୁବନ ଭୋଇ, ସୀତାରାମ ମାଝି ପ୍ରମୁଖ ତହସିଲଦାର ସଂଘମିତ୍ରା କାଲୋଙ୍କୁ ଭେଟିଥିଲେ ।

## ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବିର୍ସାମୁଣ୍ଡା ଜୟନ୍ତୀ ପାଳିତ

**ନୂଆପଡ଼ା ଅଫିସ,୨୫।୧୧**

ନୂଆପଡା ସଦର ବ୍ଲକ ଆମାନାରା କଲ୍ୟାଣ ମଣ୍ଡପଠାରେ ବ୍ଲକ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ କ୍ରାନ୍ତିବୀର ଆଦିବାସୀ ଭଗବାନ ବିର୍ସାମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ବାଳକୃଷ୍ଣ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲା କଲ୍ୟାଣ ସଂଘ ଅଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି, ପୂର୍ବତନ ବ୍ଲକ ଚ୍ୟାରମେନ ଭଗୟ ସିଂ ମାଝି, ଚୂଳାଭାଟ ସରପଞ୍ଚ ତୀର୍ଥ ମାଝି, ସାମାଜିକ କର୍ମୀ କମଳେଶ ଠାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସପ୍ତାହ ବ୍ୟାପି ଚାଲିଥିବା ବିର୍ସାମୁଣ୍ଡା ଜୟନ୍ତୀ ବୁଧବାର ଆମାନାରାଠାରେ ଉଦ୍‌ଯାପିତ ହୋଇଯାଇଛି। ଆଦିବାସୀ କଲ୍ୟାଣ ସଂଘ ନୂଆପଡା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ ମଞ୍ଚ ପରିଚାଳନା କରିଥିବା ବେଳେ ଦେବାନ ସିଂ ମାଝି, ଲୁକୁ ମାଝି, ମାନସିଂ ଶବର, ରାମ ସିଂ ମାଝି, ରୋହିତ ମାଝି, ଭରତ ମିର୍ଦ୍ଧା, ଯାଦ ରାମ ମାଝି, ଗୋବିନ୍ଦ ମାଝି, ଚୁମନ ମାଝି, ଉପେନ୍ଦ୍ର ମାଝି, ପ୍ରତାପ ମାଝି, ସୁରେଶ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାରେ ୪୧୧ କୋଟିର ମେଗା ପାନୀୟ ଜଳ ପ୍ରକଳ୍ପ



ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ସୂଚନା ଦେଉଛନ୍ତି।

**ଭବାନୀପାଟଣା,୨୫।୧୧(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ କ୍ୟାବିନେଟ ବୈଠକ ଗତ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ପାଇଁ ୪୧୧ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ ଘୋଷଣା କରାଯାଇଛି। ଏହାଦ୍ୱାରା ପାନୀୟ ଜଳ ସମସ୍ୟା ଦୂର ହେବ ବୋଲି ଧର୍ମଗଡଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ବିଧାୟକ ମୌଷଧି ବାଗ ସୂଚନା ଦେଇଛନ୍ତି। ସେହିପରି ଏହାକୁ ନେଇ ଜିଲା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଜିଲାର ଜୟପାଟଣା ବ୍ଲକର ୯୨ଗ୍ରାମ, କଳମପୁର ବ୍ଲକର ୫୫ ଗ୍ରାମ ଓ

### ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଜୁନାଗଡ ବ୍ଲକର ୧୩୫ ଗ୍ରାମର ଲୋକେ ଉପକୃତ ହେବେ। ଲୋକେ କିଭଳି ଭାବେ ଘରେ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ ଓ ଯାହାଦ୍ୱାରା ନିଜକୁ ନିରୋଗ ରଖିପାରିବେ ସେହି ଲକ୍ଷ ନେଇ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିବା ବିଧାୟକ ବାଗ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ବଲାଙ୍ଗୀର ଜୋନ୍ ସଭାନେତ୍ରୀ କଲ୍ୟାଣୀ ନାଏକ, ବିଧାୟକ ପ୍ରତିନିଧି ସ୍ୱାଧୀନ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ଦିନ ୫୦ଜଣଙ୍କୁ ବିଏସ୍‌କେୱାଇ କାର୍ଡ

**ଡୁଙ୍ଗୁରିପାଲି, ୨୫।୧୧(ଡି.ଏନ.ଏ.)**

ଡୁଙ୍ଗୁରିପାଲି ବ୍ଲକରେ ଗୁରୁବାର ପ୍ରଥମ ପର୍ଯ୍ୟାୟରେ ୫୦ଜଣଙ୍କୁ ବିଏସକେୱାଇ କାର୍ଡ ବଣ୍ଟନ କରାଯାଇଛି। ବ୍ଲକ ଅଧକ୍ଷ ମକରଧ୍ୱଜ ସାହୁ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରିଥିଲେ । ବିଡିଓ ତ୍ରିପୁର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସରପଞ୍ଚ ସୁଦେସ୍ନା ବିଶ୍ୱାଳ, ସମିତି ସଭ୍ୟ ମୁରାରି ମୋହନ ବେହେରା, ଡବ୍ଲ୍ୟୁଡିସି ସଦସ୍ୟ ହିମାଂଶୁ ଶେଖର ବିଶ୍ୱାଳ ଯୋଗଦେଇଥିଲେ ।

## ଅସଙ୍ଗଠିତ ଶ୍ରମିକଙ୍କ ସମସ୍ୟା ନେଇ ଦାବିପତ୍ର

**କୋକସରା,୨୫।୧୧(ଡି.ଏନ.ଏ.)**

ଭାରତୀୟ ମଜଦୁର ସଂଘ ଓଡ଼ିଶା ସହ ଅନୁବନ୍ଧିତ ଅସଙ୍ଗଠିତ ଶ୍ରମିକ ସଂଘ କଳାହାଣ୍ଡି ଜିଲା କୋକସରା ବ୍ଲକ ପକ୍ଷରୁ ୪ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରବାର ବିଡିଓଙ୍କୁ ପ୍ରଦାନ କରାଯାଇଛି। ବ୍ଲକ କାର୍ଯ୍ୟକାର୍ତ୍ତା ଅସଙ୍ଗଠିତ ଶ୍ରମିକ ସଂଘ କୋକସରା ବ୍ଲକ ସଭାପତି ବାବୁଲାଲ ଦୁରିଆଙ୍କ ନେତୃତ୍ୱରେ ବ୍ଲକର ଶତାଧିକ ଶ୍ରମିକ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲା ସଙ୍ଗଠନ ଉପସଭାପତି ନବୀନ ଛତ୍ରିଆ, ସମ୍ପାଦକ ସୁରେନ୍ଦ୍ର ମୋହନ କର, ବ୍ଲକ ସମ୍ପାଦକ ଦେବରାଜ ହଂସ ଓ ସାଥି ଶ୍ରମିକଙ୍କ ଉପସ୍ଥିତିରେ ବିଡିଓ ମନୀଷା ଦାସଙ୍କୁ ୪ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ପ୍ରମୁଖ ଦାବି ମଧ୍ୟରେ ରାଜ୍ୟର


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସମସ୍ତ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ପରିଚୟପତ୍ର, ବିଜୁ ସ୍ୱାସ୍ଥ୍ୟ ଯୋଜନା, ଆୟୁଷ୍ମାନ ଯୋଜନାରେ ସ୍ମାର୍ଟ କାର୍ଡ ଯୋଗାଣ, ଅସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡକୁ ରାଜ୍ୟ ସରକାର ଅନୁଦାନ ପାଣ୍ଠି ଯୋଗାଣ, ସମସ୍ତ ପ୍ରବାସୀ ଶ୍ରମିକଙ୍କୁ ପଞ୍ଜୀକରଣ, ରାଶନ କାର୍ଡ ପ୍ରଦାନ, ମଣ୍ଡିରେ କାମ କରୁଥିବା ହେମାଲମାନଙ୍କୁ ଓଡ଼ିଶା ଗେଜେଟ ନୋଟିଫିକେସନ ମୁତାବକ ମଜୁରି ପ୍ରଦାନ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ଚାକିରୀ ମାନ୍ୟତା ସହ ରାଜ୍ୟ ଶ୍ରମ ବିଭାଗରେ ଖାଲି ପଡିଥିବା ପଦବୀ ପୂରଣ ଦାବି ରହିଛି ।

## ହାଇକୋର୍ଟ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁନି ବ୍ଲକ୍ ପ୍ରଶାସନ

**ଗୁଡ଼ଭେଲା, ୨୫।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ୍‌ର ଉନ୍ନୟନ କାର୍ଯ୍ୟ ପାଇଁ ଅଗଷ୍ଟ ପ୍ରଥମ ସପ୍ତାହରୁ ପଞ୍ଚମ ଅର୍ଥ କମିଶନରୁ ପ୍ରାୟ ୯୬ଲକ୍ଷ ଟଙ୍କା ଆସି ପଡ଼ି ରହିଛି। ୨ସପ୍ତାହ ମଧ୍ୟରେ ଉନ୍ନୟନ କାମଗୁଡିକ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଉକ୍ତ ଆଦେଶ କାର୍ଯ୍ୟକାରୀ ହୋଇ ନ ଥିବା ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା ଗୁରୁବାର ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଆହୁରି କହିଛନ୍ତି ଯେ, ଶାସକ ଦଳର ମନ୍ତ୍ରୀଙ୍କ ଚାପରେ ଏହି ଟଙ୍କା ପଡ଼ି ରହିଛି। ଗ୍ରାମାଞ୍ଚଳର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ପଞ୍ଚମ ଅର୍ଥ କମିଶନ ପ୍ରଦତ୍ତ ପ୍ରାୟ ୯୬ଲକ୍ଷ ଟଙ୍କାରୁ କେସ୍ ରେକର୍ଡ ତୁରନ୍ତ ଖୋଲିବା ପାଇଁ ପଞ୍ଚାୟତ ସମିତି ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା, ଉପାଧକ୍ଷ ନଳିନୀ ସେଠ, ସମିତି ସଭ୍ୟ ଶିଶୁ କୁମାର ପ୍ରଧାନ, ଚିତ୍ରସେନ ଭୋଇ ପ୍ରମୁଖ ୧୭।୮।୨୦୨୧ରେ ତୁଷୁରା ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ବଲାଙ୍ଗୀର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ଶେଷରେ ୮ଜଣ ସମିତି ସଭ୍ୟାସଭ୍ୟ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୧୬।୧୧।୨୦୨୧ରେ ଦୁଇ ସପ୍ତାହ ମଧ୍ୟରେ ଉନ୍ନୟନ କାମ ଆରମ୍ଭ କରିବା ପାଇଁ ଗୁଡଭେଲା ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଆଠଦିନ ବିତି ଯାଇଥିଲେ ବି ଏହି ଆଦେଶ ଏ ଯାଏ କାର୍ଯ୍ୟକାରୀ ହୋଇପାରିନାହିଁ ।

## ବିଭିନ୍ନ ଦାବି ନେଇ ଭିଆଇପିର ବିକ୍ଷୋଭ

**ଲୋଇସିଂହା,୨୫।୧୧(ଡି.ଏନ.ଏ.)**

ବିଭିନ୍ନ ଦାବି ନେଇ ଭିଲେଜର୍ସ ଇଣ୍ଡିଆ ପାର୍ଟି(ଭିଆଇପି)ପକ୍ଷରୁ ଲୋଇସିଂହା ବ୍ଲକ ଅଫିସ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏବିଡିଓ ବିଜୟ କୁମାର ହୋତାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ପାର୍ଟି ଅଧ୍ୟକ୍ଷ ବିପିନ କୁଶଲିଆଙ୍କ ଅଧ୍ୟକ୍ଷତାରେ ହୋଇଥିବା ଧାରଣାରେ ଗରିବ ଲୋକେ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜାଣିବାକୁ ହେଲେ ଡିସପ୍ଲେ ବୋର୍ଡ ଲଗାଇବାକୁ ଦାବି କରାଯାଇଥିଲା ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୬ ନଭେମ୍ବର, ୨୦୨୧



**ବାହାରିଲା ପୁରୁଷ ବନ୍ଧ୍ୟାକରଣ ସଚେତନତା ରଥ**

ଡୁଙ୍ଗୁରିପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବୁଧବାର ପୁରଷ ବନ୍ଧ୍ୟାକରଣ ସଚେତନତା ରଥ ପରିକ୍ରମା ଆରମ୍ଭ କରିଛି । ଡ.ଶ୍ୱେତଲିନା ପାଢୀ ସବୁଜ ପତାକା ଦେଖାଇ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ । ଏହି ରଥ ବ୍ଲକର ବିଭିନ୍ନ ଗ୍ରାମରେ ପୁରୁଷ ବନ୍ଧ୍ୟାକରଣ ବିଷୟରେ ଲୋକଙ୍କୁ ସଚେତନ କରିବ। ଏହି କାର୍ଯ୍ୟକ୍ରମରେ ବିପିଏମ ରାଜେଶ ମହାପାତ୍ର, ନିରୂପମା ମୁଦି, ପ୍ରଦୀପ ସାହୁ, ରାଜୁ ଭୋଇ, ପ୍ରଭାସ ପଧାନ, ମୋତିଲାଲ ନାଏକ, ସୁଦାମ ନାଏକ, ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣପୁରରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ

## ୭୯ କୋଟିର ପ୍ରକଳ୍ପ ଲୋକାର୍ପିତ, ୧୪୮ କୋଟିର ଶିଳାନ୍ୟାସ

ସୋନପୁର,୨୫।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭିଡିଓ କନଫେରେନ୍ସିଂ ଯୋଗେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏଥିସହ ୭୯.୨୨କୋଟି ଟଙ୍କାରେ ୬୭ ପ୍ରକଳ୍ପ ଉଦ୍‌ଘାଟନ ଓ ୧୪୮.୦୪ କୋଟି ଟଙ୍କାରେ ୩୫ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର କରିଛନ୍ତି। ମୁଖ୍ୟମନ୍ତ୍ରୀ ଜିଲାର ଇଷ୍ଟଦେବୀ ଜୟ ମା ସୁରେଶ୍ୱରୀ କହି ନିଜର ଭାଷଣ ଆରମ୍ଭ କରିଥିଲେ। ଜିଲାର କଳା ଓ ସଂସ୍କୃତିକୁ ଉଚ୍ଚ ପ୍ରଶଂସା କରିଥିଲେ। ଜିଲାର ସ୍ୱାସ୍ଥ୍ୟ, ଶିକ୍ଷା ଓ ଜଳସେଚନ ପାଇଁ ବହୁତ କିଛି କାମ ହୋଇଛି। ୭ ମହଲା ବିଶିଷ୍ଟ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟର କୋଠା ନିର୍ମାଣ ଚାଲିଛି। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ରାଜ୍ୟବାସୀଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଉଛି। ଏବେ ସ୍ମାର୍ଟ କାର୍ଡ ହିଁ ଟେନସନ ଦୂର କରିବ ।

ଜିଲାରେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିବା ପ୍ରକଳ୍ପ ମଧ୍ୟରେ ରାମେଶ୍ୱର ନିକଟରେ ୪.୭୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜୁ ପଟ୍ଟନାୟକ ସନ୍ତରଣାଗାର, ୫,୩୪,୦୬୦୦୦ କୋଟି ଟଙ୍କା ବ୍ୟୟରେ ଜିଲା ସଦର ମହକୁମାରେ ନିର୍ମିତ ଟାଉନ ହଲ, ପର୍ଯ୍ୟଟନ ବିଭାଗ ପକ୍ଷରୁ ନିର୍ମିତ ୨ଟି ପଥପ୍ରାନ୍ତ ସୁବିଧା କେନ୍ଦ୍ର, ୫ଟି ସେତୁ, ମିଶନ ଶକ୍ତିର ୨୮ଟି କୋଠା, ସହରାଞ୍ଚଳ ବିକାଶର ୩ଟି ପ୍ରକଳ୍ପ ଓ ୮ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ରହିଛି । ସୋନପୁର ନୂତନ ଟାଉନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟବାସୀଙ୍କ ପାଇଁ ବରଦାନ ସଦୃଶ। ବାଣିଜ୍ୟ, ପରିବହନ ଓ ଯୋଜନା ରୂପାୟନ ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରା କହିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ପାଇଁ ରାଜ୍ୟ ବିକାଶ ପଥରେ ଆଗେଇ ଚାଲିଛି । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଧନ୍ୟବାଦ ପ୍ରଦାନ କରିଥିଲେ। ସୁଲତା ଦେଓ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ୫-ଟି ସଚିବ ଭି.କେ.ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ସହିତ ଭୁବନେଶ୍ୱରରୁ ଭିଡିଓ କନଫେରେନ୍ସିଂରେ ଯୋଗ ଦେଇଥିଲେ। ଜିଲାପାଳ ଅବୋଲି ସୁନିଲ ନରୱଣେ, ଏସ୍‌ପି ସୀତାରାମ ଶତପଥୀ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ପିଡି ଡିଆରଡିଏ ଡୋଲାମଣି ପଟେଲ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ବୃନ୍ଦ ଶତାଧିକ ହିତାଧିକରୀଙ୍କୁ କାର୍ଡ ବଣ୍ଟନ କରିଥିଲେ।


ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ହିତାଧିକାରୀଙ୍କୁ ହେଲ୍‌ଥ କାର୍ଡ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ମାର୍କେଟ ଫିରେ ମନ୍ଦିର ଉନ୍ନତି କର

ପଦ୍ମପୁର,୨୫।୧୧(ଡି.ଏନ.ଏ): ସରକାର ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ମାର୍କେଟ ଫିକୁ ସମ୍ପୃକ୍ତ ପ୍ୟାକ୍ସକୁ ପ୍ରଦାନ କରୁଛନ୍ତି। ଚାଷୀମାନଙ୍କ ପ୍ରଦତ୍ତ ଫି ଅନ୍ୟତ୍ର ଖର୍ଚ୍ଚ ହେଉଥବବା ଅଭିଯୋଗ କରିଛି ରାଜବୋଡାସମ୍ବର କୃଷକ ସଙ୍ଗଠନ। ତେଣୁ ମାର୍କେଟ ଫିଜକୁ ସମ୍ପୃ ମନ୍ଦିର ଉନ୍ନତୀକରଣରେ ବ୍ୟୟ କରାଯାଉ ବୋଲି ସଙ୍ଗଠନର ସଭାପତି ବାଞ୍ଛାନିଧି ନାୟକ, ଆବାହକ ଅଶୋକ ସାହୁ ନିୟନ୍ତ୍ରିତ ବଜାର କମିଟ ସମ୍ପାଦକଙ୍କ ନିକଟରେ ଲିଖିତ ଦାବି କରିଛନ୍ତି।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପଦ୍ମପୁର,୨୫।୧୧(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଗୁରୁବାର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅଧକ୍ଷ ଡ. ଲଳିତେନ୍ଦୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଭାଗୀୟ ମୁଖ୍ୟ ସୁଷମା ପଟ୍ଟନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡ. ଦୁଃଖିଶ୍ୟାମ ସାହୁ, ଡ. ସରୋଜ ନାଏକ, ଅଧାପିକା ରୀନା ଧର୍ମବିନାୟକ ଛାତ୍ର ଜୀବନରେ ସଂଘର୍ଷ କରି ବିଦ୍ୟା ଅଧ୍ୟୟନ କରି ଉତ୍ତମ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ତୃତୀୟ ବର୍ଷ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ଉତ୍ସବ ଆୟୋଜନ କରାଯାଇଥିଲା। ସିଦ୍ଧାନ୍ତ ବେହେରା ଧନ୍ୟବାଦ ଅର୍ପଣ ଦେଇଥିଲେ।

### ଭୂମିହୀନକୁ ବାସଗୃହ ଦାବି

ପଦ୍ମପୁର,୨୫।୧୧(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ରଜାପଡା ୱାର୍ଡ ନଂ.-୯ର ଅଧିବାସୀ କୃଷ୍ଣ ବରିହା। ସେ ଭୂମିହୀନ। ଅନ୍ୟର ମୂଲ ଲାଗି ପରିବାର ପରିପୋଷଣ କରନ୍ତି। ପରିବାର କହିଲେ ତାଙ୍କ ସ୍ତ୍ରୀ ଓ ଦୁଇ ଶିଶୁ। ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ବାସଗୃହ ନ ଥିବାରୁ ବହୁତ କଷ୍ଟରେ ସେମାନେ ଜୀବନ ବିତାଉଛନ୍ତି। ଅନ୍ୟ ଲୋକଙ୍କ ବାରଣ୍ଡାରେ ରହୁଛନ୍ତି। ସରକାର କୃଷ୍ଣଙ୍କୁ ଜମି ଓ ଘର ଯୋଗାଇ ଦେବା ଆଶାରେ କୃଷ୍ଣ ସପରିବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

### ଗୁପ୍ତେଶ୍ୱର ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ

ବାଉଁଶୁଣୀ, ୨୫।୧୧(ଡି.ଏନ.ଏ.): ବୌଦ୍ଧ ବ୍ଲକ ମୁଣ୍ଡାପଡା କମିରା ସାଲୁଙ୍କି ନଦୀର ସିଂହାସିନୀ ଘାଟ ନିକଟରେ ଗୁପ୍ତେଶ୍ୱର ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କରାଯାଇଛି। ବିଧାୟକ ପ୍ରଦୀପ କୁମାର ଅମାତ ଭୂମି ପୂଜନ କରିଥିଲେ। ସକାଳୁ ସିଂହାସିନୀ ଘାଟରୁ ମହିଳାମାନେ ୧୦୮ ପୂର୍ଣ୍ଣଜଳ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ସଚ୍ଚିଦାନନ୍ଦ ମହାକୁଳ ଓ ସବିତା ମହାକୁଳ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହାପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅମାତ, ସମ୍ମାନିତ ଅତିଥି ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ବସନ୍ତ ସ୍ୱାଇଁ, ମନ୍ଦିର କମିଟି ସଭାପତି ଧର୍ମେନ୍ଦ୍ର ହୋତା, ଅସରପ୍ରାପ୍ତ ଶିକ୍ଷକ ନବୀନ ପ୍ରଧାନ, ଦୁର୍ଯ୍ୟୋଧନ ଖଟୁଆ ଉପସ୍ଥିତ ଥିଲେ। ଏହା ପରେ ସୁନ୍ଦରାକାଣ୍ଡ ଅନୁଷ୍ଠିତ ହୋଇଥିଲା। ବ୍ୟାସଭାବେ ରଘୁନନ୍ଦନ ଦାସ ରାମାୟଣ ପାଠ କରିଥିଲେ।

### ମୃତ ସାମ୍ବାଦିକଙ୍କ ପରିବାରକୁ ମିଳିଲା ସହାୟତା

ବାଉଁଶୁଣୀ,୨୫।୧୧(ଡି.ଏନ.ଏ.): କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ଯୁବ ସାମ୍ବାଦିକ ଦୁର୍ବାକ୍ଷ ବସ୍ତିଆଙ୍କ ପରିବାରକୁ ବୌଦ୍ଧ ଜିଲାର ଦୁଇଜଣ ମହିଳା ଅଧିକାରୀ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସ୍ୱର୍ଗତ ବସ୍ତିଆ କରୋନା ସଂକ୍ରମିତ ହେବା ପରେ ଗତ ମେ ୧୦ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର କରୋନା ପରୀକ୍ଷା ହୋଇ ନଥିବାରୁ ସରକାରଙ୍କ ପକ୍ଷରୁ କୋଭିଡ ଯୋଦ୍ଧା ଭାବରେ ଘୋଷିତ ସହାୟତା ରାଶି ତାଙ୍କ ପରିବାରକୁ ମିଳିପାରିନାହିଁ। ତେବେ ଗତ ଜାତୀୟ ପ୍ରେସ ଦିବସ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱର୍ଗତ ବସ୍ତିଆଙ୍କୁ ମରଣୋତ୍ତର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁବାର ବୌଦ୍ଧ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ଓ ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ତପସ୍ୱିନୀ କହଁର ବସ୍ତିଆଙ୍କ ପରିବାରକୁ ଭେଟିବାକୁ ତାଙ୍କ କଣ୍ଠାମାଳ ବ୍ଲକ ଶୁଣ୍ଠିପଦରସ୍ଥିତ ଘରେ ପହଞ୍ଚିଥିଲେ। ଥାନା ଅଧିକାରୀ କହଁର ନିଜସ୍ୱ ଜମାରୁ ଦୁର୍ବାକ୍ଷଙ୍କ ଶୋକସନ୍ତପ୍ତ ପରିବାରକୁ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ ।

# ଅଧିକାର ଯାତ୍ରା ପାଇଁ ପ୍ରସ୍ତୁତି

ଉଲୁଣ୍ଡା,୨୫।୧୧( ଡି.ଏନ.ଏ.)

ଓଡିଶା ରାଜ୍ୟ ବେସରକାରୀ ଅଧାପକ କର୍ମଚାରୀ ସଂଘର ଅଧିକାର ଯାତ୍ରା ଗୁରୁବାର ସୁବର୍ଣ୍ଣପୁର ଜିଲା ପରିକ୍ରମା କରିଛି। ଏହି ଅବସରରେ ଉଲୁଣ୍ଡା ବ୍ଲକ ସିଣ୍ଡୋଲ ଆଞ୍ଚଳିକ ଉଚ୍ଚ ମହାବିଦ୍ୟାଳୟ ଏବଂ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉଚ୍ଚ ମହାବିଦ୍ୟାଳୟ ଅଧ୍ୟକ୍ଷ ଶିରିଶ କୁମାର ଦାସଙ୍କ ପୌରରୋହିତ୍ୟରେ ହୋଇଥିବା ଏହି ସଭାରେ ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସ ଯୋଗଦେଇ ସୁବର୍ଣ୍ଣପୁର ଜିଲାର ସମସ୍ତ ବେସରକାରୀ ଅଧ୍ୟାପକଙ୍କୁ ଆସନ୍ତା ଡିସେମ୍ବର ୨୯ତାରିଖରେ କଟକରୁ ଭୁବନେଶ୍ୱର ନବୀନ ନିବାସ ପର୍ଯ୍ୟନ୍ତ ହେବାକୁ ଥିବା ପଦଯାତ୍ରାକୁ ସଫଳ କରିବା ପାଇଁ ଆହ୍ୱାନ କରିଥିଲେ। ୨୦୦୮ ପରବର୍ତ୍ତୀ ଅନୁଦାନପ୍ରାପ୍ତ ଏବଂ ଅଣ ଅନୁଦାନ ମହାବିଦ୍ୟାଳୟରେ ନିଯୁକ୍ତ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ଏକ ନିର୍ଦ୍ଦିଷ୍ଟ ଅନୁଦାନ ନୀତି ମାଧ୍ୟମରେ ଅନୁଦାନ ପ୍ରଧାନ କରିବା ପାଇଁ ସଂଘର ଦାବି ରହିଥିବା ସଭାପତି ବିଶ୍ୱରଞ୍ଜନ ଦାସ କହିଛନ୍ତି। ଏହି ସଭାରେ ଯୁକ୍ତ ତିନି ଅଧ୍ୟକ୍ଷ ପବିତ୍ର ବାରିକ, ଅଧାପକ ନାରାୟଣ ବଗର୍ତ୍ତୀ, ସରୋଜ ଆଚାର୍ଯ୍ୟ, ଆସିସ କୁମାର ସାହୁ, ଅଜିତ ମେହେ ପ୍ରମୁଖ ଯୋଗଦେଇଥିଲେ।

# ‘ମମିତା ହତ୍ୟାକାଣ୍ଡ, ଚାଷୀ ସମସ୍ୟା ଉଠିବ’

## ବିଧାନସଭା ପୂର୍ବରୁ ଜନମତ ଓ ବିଧାୟକ କାର୍ଯ୍ୟକ୍ରମ

ବଲାଙ୍ଗୀର ଅଫିସ, ୨୫।୧୧

ଆଗାମୀ ବିଧାନସଭା ଅଧିବେଶନ ପାଇଁ ଜନମତ ଲୋଡିଛନ୍ତି ବିଧାୟକ ନରସିଂହ ମିଶ୍ର। ସ୍ଥାନୀୟ ଏକ ହୋଟେଲରେ ବଲାଙ୍ଗୀରର ବୁଦ୍ଧିଜୀବୀ, ସଙ୍ଗଠକ, ବିଭିନ୍ନ ଅନୁଷ୍ଠାନ ପ୍ରତିନିଧି ଓ ଶିକ୍ଷକ, ଅଧାପକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ମିଶ୍ର ସୂଚନା ଦେବାକୁ ଯାଇ କହିଥିଲେ ଯେ, ଆଗାମୀ ବିଧାନସଭା ବଲାଙ୍ଗୀର ଜିଲାର ଝିଅ ମମିତା ମେହେର ହତ୍ୟାକାଣ୍ଡ ଓ ଚାଷୀ ସମସ୍ୟାକୁ ନେଇ କମ୍ପିବ। ସରକାର ଆଲୋଚନା କରିବେ ନା ବାହାନା କରିବେ ଦେଖିବାକୁ ବାକି ରହିଛି। ଜଣେ ଯୁବତୀ ବିଧାୟକ ମିଶ୍ରଙ୍କୁ କହିଥିଲେ ଯେ, ମମିତାଙ୍କୁ ନ୍ୟାୟ ମିଳୁ। ବିଧାୟକ ମିଶ୍ର କହିଥିଲେ ତ୍ୱରିତ ନ୍ୟାୟ ନାଁରେ ଅପରାଧୀଙ୍କୁ ଖସାଇବା ବାଟ ନ ହେଉ। ମମିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ସେ ଏଇ ବୟସରେ ମଧ କଳାକୋର୍ଟ ପିନ୍ଧିବାକୁ ପ୍ରସ୍ତୁତ ବୋଲି କହିଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ପଥରଚେପା ଓଡିଶା ଆଦର୍ଶ ବିଦ୍ୟାଳୟ ସର୍ବଭାରତୀୟସ୍ତରରେ ଦ୍ୱିତୀୟ ଥର ଶ୍ରେଷ୍ଠ ଦଶମ ସ୍ଥାନରେ ରହି ବଲାଙ୍ଗୀର ପାଇଁ ଗୌରବ ଆଣିଥିବାରୁ ବିଦ୍ୟାଳୟ ଅଧକ୍ଷ କ୍ଷମାନିଧି ଝାଙ୍କର ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବିଧାୟକ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ । ଏହାପରେ ବିଧାୟକ ମିଶ୍ର ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଯଥା ଲୋୟର ସୁକତେଲ, ଗନ୍ଧ୍ରେଲ ଡ୍ୟାମ, ବାଇପାସ ରାସ୍ତା, ୬୫୦ ଶଯ୍ୟା ବିଶିଷ୍ଟ ନୂଆ ମେଡିକାଲ କଲେଜ ହସ୍ପିଟାଲ ନିର୍ମାଣ କାର୍ଯ୍ୟ, ସୁପର ସ୍ପେସିଆଲିଟି ଡାକ୍ତରଖାନା, ପାନୀୟ ଜଳ, ବିଦ୍ୟୁତ୍, ଟ୍ରାଫିକ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା ହୋଇଥିଲା। ମମିତା ହତ୍ୟା ଘଟଣାର ପୁନଃ ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରିବା ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ ଓ ସେ ନିଶ୍ଚୟ କଳା କୋର୍ଟ ପିନ୍ଧିବେ ବୋଲି ବିଧାୟକ ମିଶ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀରର ଅନେକ ବୁଦ୍ଧିଜୀବୀ, ଛାତ୍ରସମାଜ, ସାମାଜିକ ଓ ଜାତି ସଂଗଠନମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଧର୍ମେନ୍ଦ୍ର ନନ୍ଦ ସଂଯୋଜନା କରିଥିଲେ ।


ବିଧାୟକ ଓ ଜନମତ କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ନରସିଂହ ମିଶ୍ର ଓ ବଲାଙ୍ଗୀର ସହରର ବୁଦ୍ଧିଜୀବୀ।

# ସ୍ମାର୍ଟକାର୍ଡ ଯୋଜନାରେ ଯୋଡିହେଲା ବୌଦ୍ଧ

ବୌଦ୍ଧ,୨୫।୧୧(ସ୍ୱ.ପ୍ର.)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟକାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଯୋଡି ହୋଇଛି ବୌଦ୍ଧ ଜିଲା। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡଓ କନଫରେନ୍ସିଂରେ ଜିଲା ଷ୍ଟାଡିୟମରେ ସ୍ମାର୍ଟକାର୍ଡ ବଣ୍ଟନ କରିଛନ୍ତି। ଏଥିସହିତ ୨୦ କୋଟି ଟଙ୍କାର ୨୨ଟି ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ୪୬୩ କୋଟି ଟଙ୍କାର ୫୭ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟଅତିଥି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସମ୍ମାନିତ ଅତିଥି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, କନ୍ଧମାଳ ଏମ୍‌ପି ଅଚ୍ୟୁତ୍ ସାମନ୍ତ, କଣ୍ଟାମାଳ ବିଧାୟକ ମହିଧର ରଣା, ବୌଦ୍ଧ ବିଧାୟକ ପ୍ରଦୀପ ଅମାତ ଯୋଗ ଦେଇଥିଲେ । ଏମ୍‌ପି ସାମନ୍ତ ରାଜ୍ୟରେ ସ୍ମାର୍ଟ କାର୍ଡ ବଣ୍ଟନ ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଇ ବୌଦ୍ଧ ଜିଲା ପାଇଁ ୫ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଆରମ୍ଭ କରାଗଲା ବୋଲି କହିଥିଲେ। ଦୁଗ୍ଧ ଉତ୍ପାଦ କ୍ଷେତ୍ରରେ ବୌଦ୍ଧ ଜିଲା ଅନେକ ଭଲ କାର୍ଯ୍ୟ କରିଛି। ଆଗାମୀ ଦିନରେ ଚାଷୀଙ୍କ ପାଇଁ ୨୦ ହଜାର ଲିଟରର ପ୍ଲାଣ୍ଟ କରାଯିବ ବୋଲି କହିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ ହେଲଥ କାର୍ଡ ଯୋଜନାରେ ବୌଦ୍ଧ ଜିଲାର ୩ ଲକ୍ଷ ୭୨ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଚିକିତ୍ସା ସେବା ପାଇ ପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଅତିରିକ୍ତ ଜିଲାପାଳ ବବିତା ରଣୀ ଦଳବେହେରା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ ମେହେର, ତହସିଲଦାର ଅବିନାଶ ପାଣ୍ଡିଆ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂ ଉପସ୍ଥିତ ଥିଲେ ।


ସ୍ମାର୍ଟ ବଣ୍ଟନ ସମୟରେ ଯୋଗ ଦେଇଥିବା ଅତିଥି।

# ସିଏନ୍‌ଆଇ ଚର୍ଚ୍ଚରେ ଖ୍ରୀଷ୍ଟ ଜୟନ୍ତୀ ସମାରୋହ

ବରଗଡ଼ ଅଫିସ୍,୨୫।୧୧

ବରଗଡ଼ ସହର ଗାନ୍ଧୀନଗର ସ୍ଥିତ ସିଏନ୍‌ଆଇ ଚର୍ଚ୍ଚ ପରିସରରେ ବୁଧବାର ସନ୍ଧ୍ୟାରେ ଖ୍ରୀଷ୍ଟ ଜୟନ୍ତୀ ସ୍ୱାଗତ ସଙ୍ଗୀତ ସମାରୋହ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଚର୍ଚ୍ଚ ସମ୍ପାଦକ ଚନ୍ଦ୍ରଶେଖର ବାଗ ଧାର୍ମିକ ସଙ୍ଗୀତ ସମାରୋହକୁ ପରିଚାଳନା ସହିତ ପ୍ରଭୁଙ୍କ ସ୍ୱାଗତ ସମରୋହ ଉପରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟ ଧୀରେନ ନନ୍ଦ, ଅମୂଲ୍ୟ ସୁନା ଉପସ୍ଥିତ ଥିଲେ। ଦାନୀଏଲ ଦୀପ, ବିଶାଲ ବାଗ, ଶ୍ୟାମକୁମାର ଦୀପ, ଲିବାନ ବାରିକ, କୁମୁଦିନୀ ବାଗ, ଜ୍ୟୋତ୍ସ୍ନା ଦୀପ, ଅପର୍ଣ୍ଣା କୁମ୍ଭାର, ସୁବାଷିନୀ ନନ୍ଦ, ଝରଣା ବାଗ, ମୌସୁମୀ ଦୀପ, ସନ୍ତୋଷିନୀ ଦୀପ ପ୍ରମୁଖ ଖ୍ରୀଷ୍ଟୀୟ ଶ୍ରଦ୍ଧାଳୁବୃନ୍ଦ ସହଯୋଗ କରିଥିଲେ। ଏହି ଅବସରରେ ବିଶାଲ ବାଗଙ୍କ ପରିଚାଳନାରେ ସଂକୀର୍ତ୍ତନ, ନୃତ୍ୟ, ବାଇବେଲ ପଠନ, ସାମୂହିକ ସଙ୍ଗୀତ ଆଦି କାର୍ଯ୍ୟକ୍ରମ ହୋଇଥିଲା । ଶେଷ ପ୍ରାର୍ଥନା ପରେ ଆଚାର୍ଯ୍ୟ ଧୀରେନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।


ସିଏନ୍‌ଆଇ ଚର୍ଚ୍ଚରେ ଖ୍ରୀଷ୍ଟ ଜୟନ୍ତୀ ସମାରୋହରେ ଶ୍ରଦ୍ଧାଳୁବୃନ୍ଦ।

# ଆର୍ଥିକ ବିକାଶ ଉପରେ ଗୁରୁତ୍ୱ

ମୁରିବାହାଲ, ୨୫।୧୧ (ଡ.ଏନ.ଏ.)

ବଲାଙ୍ଗୀର ଜିଲାସ୍ତରୀୟ ବିଏସ ଜ୍ୟୋତି ଚାରିଟେବୁଲ ଟ୍ରଷ୍ଟ ଓ ନିୟୁ ଇଣ୍ଡିଆ ଗ୍ରୁପର ଏକଦିବସୀୟ କର୍ମଶାଳା ମୁରିବାହାଲରେ ଅନୁଷ୍ଠିତ ହୋଇଯାଇଛି। ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ବେଣୁଧର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାକୁ ନିୟୁ ଇଣ୍ଡିଆ ଗ୍ରୁପ ଅଧ୍ୟକ୍ଷ ଅର୍ଜୁନ ଯାଦବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବଲାଙ୍ଗୀର ଜିଲାର ବେକାର ଶିକ୍ଷିତ ଯୁବତୀଯୁବକଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରି ଆର୍ଥିକ ବିକାଶ କରିବା ଉପରେ ସେ ମତ ରଖିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ଭାଜପା ସାଧାରଣ ସମ୍ପାଦକ ଶ୍ରୀବସ୍ତ ବେହେରା, ମୁରିବାହାଲ ବ୍ଲକ ଉପାଧ୍ୟକ୍ଷ ସୁନ୍ଦରମତି ବାଗ, ସମିତି ସଭ୍ୟ ସୁବାସ ଚନ୍ଦ୍ର ବୁଡେକ ପ୍ରମୁଖ ଯୋଗଦେଇଥିଲେ। ବଲାଙ୍ଗୀର ଜିଲାରେ ଉଭୟ ଟ୍ରଷ୍ଟ କିପରି ଜନହିତକର କାର୍ଯ୍ୟ କରିବେ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସ୍ୱାବଲମ୍ବୀ ହେବେ ତାହା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳରେ ଧୂପକାଠି, ଆଚାର, ପାମ୍ପଡ଼, ସିଲେଇ ମେଶିନ ପକାଇ ସ୍ୱାବଲମ୍ବତା ସୃଷ୍ଟି କରାଯାଇ ପାରିବ ତାହା ଉପରେ ରାହୁଲ ଯାଦବ, ଅନୀଲ ଅନ୍ଦନ କୁମ୍ଭର, ଶ୍ରଦ୍ଧାକର ଭୋଇ, କୋକିଳ ନାଗ ତାଲିମ ପ୍ରଦାନ କରିଥିଲେ। ଏହାସାଙ୍ଗକୁ ଶିଶୁ ସୁରକ୍ଷା, କୃଷକର ବିକାଶ କେଉଁ ଆଧାରରେ କରା ଯାଇପରିବ ସେ ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଘନଶ୍ୟାମ ପୁଟେଲ, ପ୍ରତାପ ହେର୍ଣ୍ଡା, ଗୁଣନିଧି ରାଜପଲିଆ, ଲିଙ୍ଗରାଜ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ଏମ୍‌ପି ଲ୍ୟାଡ୍ ଅଗ୍ରଗତିର ସମୀକ୍ଷା

ଦେଓଗାଁ,୨୫।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ବିଭିନ୍ନ ଉନ୍ନୟନ କାର୍ଯ୍ୟ, ବିଶେଷ କରି ଏମ୍‌ପି ପାଣ୍ଠି ଅଗ୍ରଗତିର ସମୀକ୍ଷା କରିଥିଲେ । ୨୦୧୮-୧୯ ଓ ୧୯-୨୦ ଆର୍ଥିକ ବର୍ଷର ବିଜୁ କେବିକେ ଯୋଜନା ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପୀ ସମୀକ୍ଷା କରାଯାଇଥିଲେ । ଏଥିସହ ଏଫଡିଆର (ବନ୍ୟା କ୍ଷୟକ୍ଷତି ମରାମତି)ପାଣ୍ଠିରୁ ଏମ୍‌ପିଙ୍କ ଭାଗରେ ଥିବା ୫୪ଲକ୍ଷ ଟଙ୍କାରୁ ୩୪ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୨୦ଲକ୍ଷ ଟଙ୍କା କୁଆଡେ ଗଲା ବୋଲି ବ୍ଲକ ପ୍ରଶାସନକୁ ଏମ୍‌ପି ପ୍ରଶ୍ନ କରିଥିଲେ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରେ ହେବାକୁ ଥିବା ୯ଟି ପ୍ରକଳ୍ପ କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନଥିବାରୁ ଏମ୍‌ପି ବିରକ୍ତି ପ୍ରକାଶ କରିଥିଲେ। ଏମପିଙ୍କ ଭାଗରେ ରହିଥିବା ୩ଟି ସାମୂହିକ ଖଳା ନିର୍ମାଣ ମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣ ହୋଇଛି। ବ୍ରାହ୍ମଣୀଯୋର ଓ ସିଆଲଯୋର ଠାରେ ହେବାକୁ ଥିବା ୨ଟି ଖଳା ନିର୍ମାଣ କାମ ତୁରନ୍ତ ସାରିବାକୁ ଏହି ଅବସରରେ ଏମ୍‌ପି ନିର୍ଦ୍ଦେଶ ଦେଇଥିଲେ।

## ତଥ୍ୟ ଯୋଗାଇ ନ ପାରିବାରୁ ଅସନ୍ତୋଷ ପ୍ରକାଶ କଲେ ସଙ୍ଗୀତା

ବିଭାଗୀୟ ଅଧିକାରୀମାନେ ଗ୍ରାମ୍ୟ ଜଳଯୋଗାଣ ବିଭାଗ, ଆଇଏପି (ଇଣ୍ଟିଗ୍ରେଟେଡ ଆକ୍ସନ ପ୍ଲାନ) ଓ ମେଗା ଉଠା ଜଳସେଚନ ବିଷୟରେ କୌଣସି ତଥ୍ୟ ଉପସ୍ଥାପନ କରି ନ ପାରିବାରୁ ଏମ୍‌ପି ସିଂଦେଓ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସମ୍ପୂର୍ଣ୍ଣ ତଥ୍ୟ ସହ ଅନ୍ୟ ଏକ ଦିନରେ ସମୀକ୍ଷା ବୈଠକ କରିବା ପାଇଁ ପରାମର୍ଶ ଦେଇଥିଲେ । ସମୀକ୍ଷା ବୈଠକରେ ବିଡିଓ ମୂରଲୀଧର ନାଏକ, ବ୍ଲକ ଅଧକ୍ଷା ରୀନା ମେହେର, ସହକାରୀ ଯନ୍ତ୍ରୀ ମୋହନ ମହାଲିକ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା, ଜିଲା ଯୁବମୋର୍ଚ୍ଚା ଉପସଭାପତି ଭୋଳାନାଥ ସାହୁ, ମଣ୍ଡଳ ସଭାପତି ବାସୁଦେବ ସିଂ ନିନା ପ୍ରମୁଖ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକ ପରିପେକ୍ଷୀରେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ ଏମପିଙ୍କୁ ସାକ୍ଷାତ କରି ଦେଓଗାଁ ରେଳଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ଇସ୍ପାତ ଓ ଇଣ୍ଟରସିଟି ରହଣି ଦିଗରେ ପଦକ୍ଷେପ ନେବାକୁ କହିଥିଲେ।


ସମୀକ୍ଷା ବୈଠକରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ।

# ଖେତରେ ଗଜାହେଲା ଧାନ

ବିନିକା,୨୫।୧୧(ଡି.ଏନ୍.ଏ.)

ଅଦିନିଆ ବର୍ଷା ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ଚାଷୀଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି। ତିନିଦିନ ହୋଇଥିବା ବର୍ଷା ଯୋଗୁ ଖେତରେ କଟା ହୋଇ ପଡିଥିବା ଧାନ ଭିଜି ଗଜା ହୋଇଛି। ବର୍ଷା ସହ ଝଡତୋଫାନ ହେବାରେ ଧାନଗଛ ଶୋଇ ପାଣିରେ ପଡିଥିଲା। ଏବେ ତାହା ଗଜା ହେବା ଆରମ୍ଭ କରିଛି। ଏହିପରି ସ୍ଥିତି ଚାଷୀଙ୍କୁ ଅମଳ ନେଇ ଆଶଙ୍କିତ କରିଛି। ଅପରପକ୍ଷରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ନେଇ ଚାଷୀମାନେ ସ୍ଥାନୀୟ କୃଷି ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଏ ଯାଏ ଖେତ୍ର ପରିଦର୍ଶନ କରି ନାହାନ୍ତି। ଅବିଳମ୍ବେ କୃଷି ଓ ରାଜସ୍ୱ ବିଭାଗ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସହାୟତା ପ୍ରଦାନର ବ୍ୟବସ୍ଥା ନକଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ରସିକ ସାହୁ, ବସନ୍ତ ବଡପଣ୍ଡା, ସନ୍ତୋଷ ପାତ୍ର, ମଣ୍ଟୁ ପାତ୍ର, ଆନନ୍ଦ କଣ୍ଟା ପ୍ରମୁଖ ଚାଷୀ ଦାବି କରିଛନ୍ତି।


ବାବୁପାଲିର ଏକ ଖେତରେ ବର୍ଷାରେ ଭିଜି ଗଜା ହୋଇଥିବା କଟାଧାନ।

# ଫୁଲଝର କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଲାଠୋର, ୨୫।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଫୁଲଝରଠାରେ ଗୁରବାର ଜୟ ଜଗନ୍ନାଥ ରାଜୀବ କ୍ଲବ ଆନୁକୂଲ୍ୟରେ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ସମ୍ମାନିତ ଅତିଥି ଶଙ୍କରଲାଲ ଅଗ୍ରୱାଲ, ଜଗନ୍ନାଥ ଅଗ୍ରୱାଲ, ଦଶରଥ ପାଣିଗ୍ରାହୀ ଯୋଗ ଦେଇଥିଲେ। ପ୍ରଥମ ଦିନ ସାନଗୁର୍ଜିଭଟା ବନାମ ଠୁଡିବାହାଲ ଓ ଲାଠୋର ସାଗରପଡା ବନାମ କୁମାରଖେନ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଲାଠୋର ଏବଂ ଠୁଡିବାହାଲ ପ୍ରତିଦ୍ୱନ୍ଦ୍ୱ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲେ। ୧୦ ଦିନ ଧରି ଚାଲିବାକୁଥିବା ଟୁର୍ନାମେଣ୍ଟରେ ୩୨ ଗୋଟି ଦଳ ଭାଗ ନେଇଛନ୍ତି। ଖେଳ ପରିଚାଳନା ବସନ୍ତ ଶବର ଓ ପ୍ରଶାନ୍ତ ମିଶ୍ର, ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ ଶୋଭାକର ପୁଟା।